# ବୁଧବାରଠାରୁ ଜିଲ୍ଲାସ୍ତରୀୟ ଗଜପତି ମହୋତ୍ସବ



**ପାରଳାଖେମୁଣ୍ଡି,୧୭ ।୧୨(ସମିସ):** ଗଜପତି ଜିଲ୍ଲାରେ ଚାଲିଛି ଉତ୍ସବର ମାହୋଲ। ଡିସେମ୍ବର ମାସ ପ୍ରାରମ୍ଭରୁ ହିଁ ବ୍ଲକସ୍ତରୀୟ ମହୋତ୍ସବ ପାଇଁ ପ୍ରସ୍ତୁତି ସହ ମହୋତ୍ସବ ପାଳନ, ରାହାଗିରି ଆଦି ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାର ବିଭିନ୍ନ ବ୍ଲକରେ ବ୍ଲକ ସ୍ତରୀୟ ଉତ୍ସବ ପାଳନ ହେବା ପରେ ଜିଲ୍ଲାସ୍ତରୀୟ ଗଜପତି ଉତ୍ସବ ପାଳନ ପାଇଁ ସମସ୍ତ ପ୍ରସ୍ତୁତି ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି। ବୁଧବାର ସନ୍ଧ୍ୟାରେ ଉତ୍ସବ ଉଦଘାଟନ ଆରମ୍ଭ ହେବ। ଏହି କାର୍ଯ୍ୟକ୍ରମ ଆସନ୍ତା ୨୨ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଜିଲ୍ଲାପାଳ ବିଜୟ କୁମାର ଦାଶଙ୍କ ତତ୍ତ୍ୱାବଧାନରେ ଉତ୍ସବକୁ ଆକର୍ଷଣ କରିବା ପାଇଁ ଚାଲିଥିବା ସମସ୍ତ ପ୍ରସ୍ତୁତ ଚୂଡାନ୍ତ ପର୍ଯ୍ୟାୟରେ ପହଞ୍ଚିଛି । ଗଜପତି ଷ୍ଟାଡିୟମରେ ମଞ୍ଚସଜା ଠାରୁ ଆରମ୍ଭ କରି ବିଭିନ୍ନ ୨୦୮ ଷ୍ଟଲର ନିର୍ମାଣ କାମ ଚାଲୁ ରହିଛି। ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଜତିନ୍ଦ୍ର କୁମାର ପଣ୍ଡାଙ୍କ ନେତୃତ୍ୱରେ ବ୍ୟାପକ ପୋଲିସ ଅଧିକାରୀଙ୍କ ସମେତ ପୋଲିସ ଫୋର୍ସ ମୁତୟନ ପାଇଁ ସମସ୍ତ ଯୋଜନା ହୋଇଛି। ସେହିପରି ରାଜ୍ୟସ୍ତରୀୟ ପଲ୍ଲୀଶ୍ରୀ ମେଳା ପାଇଁ ରାଜ୍ୟ ତଥା ବାହାର ରାଜ୍ୟର ବିଭିନ୍ନ ଗୁଣବତ୍ତା ସାମଗ୍ରୀ ଗୁଡିକ ପ୍ରଦର୍ଶିତ ହେବା ସହ ବିକ୍ରିବଟା ହେବ।

## ଜନ୍ମ-ମୃତ୍ୟୁ ପଞ୍ଜୀକରଣରେ ଅନିୟମିତତାର ପ୍ରତିବାଦ

# କିରାଣିଙ୍କୁ ତାଲା ପକାଇଦେଲେ ଓକିଲ

ଦାରିଙ୍ଗବାଡ଼ି,୧୭।୧୨(ସମିସ)

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଜନ୍ମମୃତ୍ୟୁ ପଞ୍ଜୀକରଣ କାର୍ଯ୍ୟାଳୟରେ ଅନିୟମିତତା ନେଇ ମଙ୍ଗଳବାର ଦାରିଙ୍ଗବାଡ଼ି ଓକିଲ ସଙ୍ଘ ପକ୍ଷରୁ କାର୍ଯ୍ୟାଳୟରେ ପ୍ରତିବାଦ କରାଯାଇଥିଲା। ଏଥିପାଇଁ

### ଧାର୍ଯ୍ୟଠାରୁ ଅଧିକ ଟଙ୍କା ଦାବି କରୁଛନ୍ତି କର୍ମଚାରୀ!

ସେଠାରେ କିଛି ସମୟ ନିମନ୍ତେ ଉତ୍ତେଜନା ପ୍ରକାଶ ପାଇଥିଲା। ଉକ୍ତ କାର୍ଯ୍ୟାଳୟରେ କାର୍ଯ୍ୟରତ କିରାଣୀଙ୍କ ମନମୁଖୀ କାର୍ଯ୍ୟ ସହ ଜନ୍ମ ପ୍ରମାଣପତ୍ର ପାଇଁ ଆବଶ୍ୟକ କାଗଜପତ୍ର ନିଜେ ପ୍ରସ୍ତୁତ କରି ଲୋକଙ୍କୁ ଅଧିକା ଟଙ୍କା ଦାବି କରିବା, ହାତ ଗୁଞ୍ଜା ଦେଲେ ପ୍ରମାଣପତ୍ର ଶୀଘ୍ର ଯୋଗାଇ ଦେବା, ଯିଏ ହାତଗୁଞ୍ଜା ଦେଉନି



ତାଙ୍କର କାଗଜପତ୍ର ବାରମ୍ବାର ଅଗ୍ରାହ୍ୟ କରାଯିବା ଏବଂ ଦାରିଙ୍ଗବାଡ଼ିରେ କୋର୍ଟ ରହିଥିଲେ ମଧ ବାହାରୁ ନୋଟାରୀ କାଗଜପତ୍ର ଆଣି ଏଠି ଶପଥ ପାଠ କରି ଅର୍ଥ ରୋଜଗାର କରିବା, ଜନ୍ମ ଓ ମୃତ୍ୟୁ ପ୍ରମାଣପତ୍ର ପାଇଁ ଲୋକଙ୍କୁ ଖର୍ଚ୍ଚାନ୍ତ ନ କରାଇବା ଭଳି ଅଭିଯୋଗ କରିଥିଲେ। ଏଥି ସହିତ କିରାଣିଙ୍କୁ ଓକିଲ ମାନେ ତାଲା ପକାଇଦେଇଥିଲେ। ସମ୍ପୃକ୍ତ କିରାଣୀଙ୍କୁ ତୁରନ୍ତ ଏଠାରୁ ଅନ୍ୟତ୍ର ବଦଳି କରିବା ଦାବି କରିଥିଲେ। ସମ୍ପୃକ୍ତ କିରାଣୀଙ୍କୁ ବଦଳି କରା ନ ଗଲେ ଆଗାମୀ ଦିନରେ ଓକିଲ ସଙ୍ଘ ଆନ୍ଦୋଳନ ଆହୁରି ଜୋରଦାର କରିବ ବୋଲି ଓକିଲ ସୁବର୍ଣ୍ଣ ବାଗ ସିଂ ଓ ଅନ୍ୟ ଓକିଲମାନେ କହିଛନ୍ତି।

ଖବର ପାଇ ଘଟଣାସ୍ଥଳକୁ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ଜାକେଶ ସାମନ୍ତରାୟ ଆସି ଓକିଲଙ୍କ ସହ ଆଲୋଚନା କରିବା ସହିତ ଏହାର ଉଚିତ ତଦନ୍ତ କରି ବିଭାଗୀୟ ଅଧିକାରୀଙ୍କୁ ଜଣାଇ ଯଥାଶୀଘ୍ର ପଦକ୍ଷେପ ଓ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ପ୍ରତଶ୍ରୁତି ଦେଇଥିଲେ। ଏହା ପରେ ଓକିଲମାନେ ସେଠାରୁ ଫେରିଥିଲେ। ଏଥିରେ ସଂଘର ବରିଷ୍ଠ ଓକିଲ ଉମେଶ କର, ମନୋଜ କୁମାର ପଣ୍ଡା, ସୁବର୍ଣ୍ଣ ବାଗସିଂ, ପ୍ରଦୀପ ବଳିୟାରସିଂ,ଏଲିଆସ ମାଝୀ ଓ ଇନ୍ଦ୍ରମଣୀ ପ୍ରଧାନ ସାମିଲ ହୋଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ କୁଇ କୁଳ ସମିତିର ସଦସ୍ୟ ନୋହ ପାଟମାଝି ଓ ପ୍ରମାଣପତ୍ର ପାଇଁ ଆସିଥିବା ଲୋକେ ମଧ ଏଥିରେ ସାମିଲ ହୋଇଥିଲେ। ବିଭାଗୀୟ କିରଣୀ ଚନ୍ଦ୍ରଶେଖର ପରିଡା ଏବଂ ମନୋଜ କୁମାର ପ୍ରଧାନ ଅଭିଯୋଗକୁ ଖଣ୍ଡନ କରିବା ସହିତ ଏଥିରେ କୌଣସି ସତ୍ୟତା ନାହିଁ ବୋଲି କହିଛନ୍ତି।

# ଅଜଣା ଗାଡ଼ି ଧକ୍କାରେ ଗୃହରକ୍ଷୀଙ୍କ ମୃତ୍ୟୁ

**ଦାରିଙ୍ଗବାଡ଼ି,୧୭।୧୨(ସମିସ):** କନ୍ଧମାଳ ଜିଲ୍ଲା ଦାରିଙ୍ଗବାଡ଼ି ଥାନା ଅନ୍ତର୍ଗତ ମୁଣ୍ଡାନାଜୁ ଗ୍ରାମର କର୍ଯ୍ୟରତ ଗୃହରକ୍ଷୀ ପୀତବାସ ପ୍ରଧାନଙ୍କ ଅଜଣା ଗାଡ଼ି ଧକ୍କାରେ ମୃତ୍ୟୁ ହୋଇଥିବା ପରିବାର ପକ୍ଷରୁ ଥାନାରେ ଅଭିଯୋଗ କରାଯାଇଛି। ସୋମବାର ସନ୍ଧ୍ୟାରେ କୌଣସି କାମରେ ଯିବାପାଇଁ ସେ ବାଇକ ଧରି ବାହାରିଥିଲେ। ଘରୁ ପ୍ରାୟ ଶହେ ମିଟର ଯିବାପରେ ଗାଁ ସମ୍ମୁଖରେ ଥିବା ୫୯ ନଂ ଜାତୀୟ ରାଜପଥରେ ଶବ୍ଦ ଶୁଣାଯାଇଥିଲା। ଘର ଲୋକ କଣ ହେଲା ବୋଲି ରାସ୍ତାକୁ ଦୌଡ଼ି ଆସି ଦେଖିବା ବେଳେ ଗୁରୁତର ଆହତ ହୋଇ ପୀତବାସ ରାସ୍ତା ଉପରେ ପଡିଥିଲେ। ତାଙ୍କୁ ପ୍ରଥମେ ଦାରିଙ୍ଗବାଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପ୍ରାଥମିକ ଚିକିତ୍ସା ପରେ ବ୍ରହ୍ମପୁର ନେବା ସମୟରେ ରାସ୍ତାରେ ମୃତ ହୋଇଥିଲା। ମଙ୍ଗଳବାର ପୁଲିସ ଏକ ମାମଲା ରୁଜୁକରି ପୀତବାସଙ୍କ ମୃତଦେହକୁ ବ୍ୟବଚ୍ଛେଦ କରି ପରିବାରର ଲୋକଙ୍କୁ ହସ୍ତାନ୍ତର କରିଥିବା ଥାନା ଅଧିକାରୀ ଅଶୋକ କୁମାର ହାଁସଦା ସୂଚନା ଦେଇଛନ୍ତି।

# କାର୍-ବାଇକ୍ ଧକ୍କା; ଶିକ୍ଷକ ଗୁରୁତର

**ଫିରିଙ୍ଗିଆ,୧୭।୧୨(ସମିସ):** କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ବନ୍ଧଗଡ଼ ଦିଆଭଞ୍ଜି ଉଚ୍ଚବିଦ୍ୟାଳୟ ସମ୍ମୁଖରେ କାର ସହ ବାଇକ ମୁହାଁମୁହିଁ ଧକ୍କା ହେବା ଫଳରେ ବାଇକ ଚାଳକ ବନ୍ଧଗଡ଼ ପଞ୍ଚାୟତ ତେଜାମାହା ପ୍ରାଥମିକ ବିଦ୍ୟାଳୟ ଶିକ୍ଷକ ମନୋରଞ୍ଜନ ସାହୁ ଗୁରୁତର ଆହତ ହୋଇଛନ୍ତି। ସେ ନୟାଗଡ଼ ଅଞ୍ଚଳ ର ବୋଲି ଜଣାପଡିଛି । ତାଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

# ବସ୍ ସେବାକୁ ନେଇ ଜନ ଅସନ୍ତୋଷ




**କାଶୀନଗର,୧୭।୧୨(ସମିସ):** ଘରୋଇ ବସ୍ ସେବା କ୍ଷେତ୍ରରେ ଲାଗି ରହିଥିବା ଅବ୍ୟବସ୍ଥାକୁ ନେଇ ଗଜପତି ଜିଲ୍ଲା କାଶୀନଗରରେ ଜନ ଅସନ୍ତୋଷ ତେଜିଛି। କାଶୀନଗର ନାଗରିକ ମହାସଭା ସଭାପତି ପ୍ରଶାନ୍ତ ମିଶ୍ରଙ୍କ ନେତୃତ୍ୱରେ ମଙ୍ଗଳବାର ବିଭିନ୍ନ ରାଜନୈତିକ ଦଳର ନେତା, ବୁଦ୍ଧିଜୀବୀ, ସଚେତନ ନାଗରିକ ଓ ଜନସାଧାରଣ ସ୍ଥାନୀୟ ଷ୍ଟେଟବ୍ୟାଙ୍କ ଛକରେ ଶାନ୍ତିପୂର୍ଣ୍ଣ ଭାବେ ଧାରଣା ଦେବା ସହ ଘରୋଇ ବସ୍ ସେବାକୁ ବ୍ୟବସ୍ଥିତ ଓ ଶୃଙ୍ଖଳିତ କରିବା ନିମନ୍ତେ ପ୍ରଶାସନ ନିକଟରେ ଦାବି ରଖିଛନ୍ତି। ଏନ୍ଏସି ନିର୍ବାହୀ ଅଧିକାରୀଙ୍କ ଜରିଆରେ ଷ୍ଟେଟ୍ ଟ୍ରାନ୍ସପୋର୍ଟ ଅଥରିଟି ସେକ୍ରେଟାରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ନିର୍ବାହୀ ଅଧିକାରୀଙ୍କ ପକ୍ଷରୁ ମ୍ୟୁନିସିପାଲ ଇଞ୍ଜିନିଅର ଏହି ଦାବିପତ୍ର ଗ୍ରହଣ କରିଛନ୍ତି। ବନ୍ଦ ହୋଇ ଯାଇଥିବା କାଶୀନଗର-ପାରଳାଖେମୁଣ୍ଡି ଲକ୍ଷ୍ମୀ ବସ୍ ସେବା ପୁନଶ୍ଚ ଚାଲୁକରିବା, କାଶୀନଗର ଦେଇ ଯାତାୟାତ କରୁଥିବା ସମସ୍ତ ବସ୍ ଯେପରି ଟାଉନ ଭିତର ଦେଇ ଯିବା ଆସିବା କରିବ, ସେ ଦିଗରେ ପଦକ୍ଷେପ ନେବା, ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡା ଠାରୁ ଅଧିକ ଆଦାୟ ନ କରିବା, କାଶୀନଗର-ଖାଁଡବା ମଧ୍ୟରେ ଚଳାଚଳ କରୁଥିବା ଲକ୍ଷ୍ମୀ ବସ୍‌ର ପରିବର୍ତ୍ତିତ ରୁଟ୍ ବାତିଲ୍ କରି ପୂର୍ବ ରୁଟ୍‌ରେ ଯାତାୟାତ ପାଇଁ ଅନୁମତି ଦେବା, କାଶୀନଗର ଦେଇ ଯାତାୟାତ କରୁଥିବା ଆନ୍ଧ୍ର ଆରଟିସି ବସ୍ ପ୍ରତି ପକ୍ଷପାତ ବିଚାର ନ କରିବା ଦାବି ଉପସ୍ଥାପିତ ହୋଇଛି। ଘରୋଇ ବସର କଣ୍ଡକ୍ଟରମାନେ ସ୍ୱୀକାର କରିଛନ୍ତି ଯେ, ସରକାରଙ୍କ ଦ୍ୱାରା ଧାର୍ଯ୍ୟ ଭଡା ଠାରୁ ସେମାନେ ଯାତ୍ରୀଙ୍କ ନିକଟରୁ ଅଧିକ ଭଡା ନେଉଛନ୍ତି।

କୋଭିଡ ସମୟରେ ଯେଉଁ ଭଡା ଲାଗୁ ହୋଇଥିଲା ତାହା ଅପରିବର୍ତ୍ତିତ ରହିଛି। ଅଧିକ ଯାତ୍ରୀ ମିଳୁ ନ ଥିବାରୁ ସେମାନେ ଏଥିପାଇଁ ବାଧ ହେଉଛନ୍ତି ବୋଲି ଜଣାଇଛନ୍ତି। ବାରମ୍ବାର ଦାବି ସତ୍ତ୍ୱେ ଗଜପତି ଆରଟିଓ ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଅଭିଯୋଗ ହେଉଛି। ପ୍ରତି ବସ୍ ଯେପରି ଟାଉନ୍ ଭିତରକୁ ଆସିବା ସହ ଅସ୍ଥାୟୀ ବସଷ୍ଟାଣ୍ଡ ଦେଇ ଯାତାୟାତ କରିବ, ତାହା ନିଶ୍ଚିତ କରିବା ପାଇଁ ସ୍ଥାନୀୟ ପୋଲିସ୍ ଓ ଏନ୍ଏସି କର୍ତ୍ତୃପକ୍ଷଙ୍କ ସହଯୋଗ କାମନା କରାଯାଇଛି। ଧାରଣାରେ ଜଣାଶୁଣା ସ୍ଥାନୀୟ ବ୍ୟକ୍ତି ରବୀନ୍ଦ୍ର କୁମାର ପଣ୍ଡା, ତ୍ରିନାଥ ନାୟକ, ପ୍ରଶାନ୍ତ ସାହୁ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ନଳିନୀକାନ୍ତ ପାତ୍ର , ଟାଉନ ବିଜେଡି ସଭାପତି ଆର.ଚଳପତି, କାଉନସିଲର କେ . ରାମାରାଓ, ଯୁବ ସମାଜସେବୀ ଏମ୍ . ସୁଜନ କୁମାର, ବରିଷ୍ଠ ନେତା ଆର.ରାମ ପ୍ରସାଦ, ବୁଦୁରା ସମିତିସଭ୍ୟ ବାବୁ ରାଓଙ୍କ ସମେତ ଅନ୍ୟ ଯେଉଁମାନେ ଅଂଶଗ୍ରହଣ କରିଥିଲେ, ଜନ ସଚେତନତା ସୃଷ୍ଟି ଓ କାଶୀନଗରର ବିକାଶ ଲାଗି ମିଳିମିଶି କାର୍ଯ୍ୟ କରିବାକୁ ନିଷ୍ପତ୍ତି ନେଇଛନ୍ତି।

● ବାଲିଗୁଡ଼ା ଓ କ. ନୂଆଗାଁ ପୁଲିସର ଅପରେସନ୍ ନୀଳ ଜହର

# ନଷ୍ଟ କରାଗଲା ୨୦୦ ଏକର ଗଞ୍ଜେଇ ଗଛ



**ବାଲିଗୁଡା,୧୭।୧୨(ସମିସ):** କନ୍ଧମାଳ ଏସପିଙ୍କ ନିର୍ଦ୍ଦେଶ କ୍ରମେ ବାଲିଗୁଡା ଓ କ.ନୂଆଗାଁ ଅଞ୍ଚଳରେ ଅପରେସନ ନୀଳ ଜହରକୁ ଜୋରଦାର କରିଛି ପୁଲିସ। ବାଲିଗୁଡା ଥାନା ଅଧିକାରୀ ସୁଶାନ୍ତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ କିଛି ଦିନ ମଧ୍ୟରେ ବାଲିଗୁଡା ଥାନା ଅଞ୍ଚଳରୁ ପାଖାପାଖି ୯୦୦ ଏକର ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ବେଳେ ଗତ ରବିବାର ଦିନ ଅବକାରୀ ବିଭାଗର ସହାୟତାରେ ବାଲିଗୁଡା ଥାନା ଅନ୍ତର୍ଗତ ଆଡିମାହା ପଞ୍ଚାୟତର କୁଟୁଡୁପା, ସାଉଟି, ଜାର୍ଗୀସୁଗା, ସିଟୁପାଜୀ ଓ ବାଡ଼ିପାଙ୍ଗା ଅଞ୍ଚଳରୁ ପାଖାପାଖି ୭୦ ଏକର ଏବଂ ମଙ୍ଗଳବାର ଦିନ ପୁଣି ଆଡିମାହା ପଞ୍ଚାୟତର ସାକୁଶବାଲି, ପାଟାମାହା ଓ ବୁଡ଼ରୁକିଆ ଅଞ୍ଚଳରୁ ୬୦ ଏକର ବେଆଇନ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ସୂଚନା ମିଳିଛି। ସେହିପରି କ. ନୂଆଗାଁ ପୁଲିସ ମଧ କୁତ୍ତୁତୁଲି ପଞ୍ଚାୟତର ଜନାଗୟଲ ଓ କୁତ୍ତୁତୁଲି ଅଞ୍ଚଳରେ ଲାଗିଥିବା ପ୍ରାୟ ୭୦ ଏକର ବେଆଇନ ଗଞ୍ଜେଇ ଗଛ ନଷ୍ଟ କରିଛି। ବିଶେଷ ସୂତ୍ରରୁ ଖବର ପାଇ ଏସଡିପିଓ ଆନନ୍ଦ କୁମାର ପଣ୍ଡା ଓ ବାଲିଗୁଡା ଥାନା ଅଧିକାରୀ ଏକ ସ୍ୱତନ୍ତ୍ର ଟିମ ଗଠନ କରି ଚଢ଼ଉ କରିଥିଲେ। କ. ନୂଆଗାଁ ତହସିଲଦାରଙ୍କ ଉପସ୍ଥିତରେ ଗଞ୍ଜେଇ ଗଛ ନଷ୍ଟ କରାଯାଇଥିବା ସୂଚନା ମିଳିଛି।

● ଦଶମଶ୍ରେଣୀଛାତ୍ରୀଙ୍କୁଅସଦାଚରଣ

# ଅସଦାଚରଣକାରୀକୁ ୪ ବର୍ଷ ଜେଲ୍

**ବ୍ରହ୍ମପୁର,୧୭ ।୧୨(ସମିସ):** ବ୍ରହ୍ମପୁରସ୍ଥିତ ଫାଷ୍ଟଟ୍ରାକ ପୋକସୋ କୋର୍ଟ ବିଚାରପତି ଗଣେଶ୍ୱର ପତି ନାବାଳିକା ଅସଦାଚରଣ ମାମଲାର ବିଚାରଣା କରି ସୋରଡା ଅଞ୍ଚଳର ଅଭିଯୁକ୍ତ ବସନ୍ତ ନାୟକ(୩୨) ଙ୍କୁ ଦୋଷୀ ସାବ୍ୟସ୍ତ କରି ୪ବର୍ଷ ଜେଲ୍‌ଦଣ୍ଡରେ ଦଣ୍ଡିତ କରିବା ସହ ୯ ହଜାର ୩୦୦ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ମାନ୍ୟବର କୋର୍ଟ ଉକ୍ତ ରାୟରେ ଉଲ୍ଲେଖ କରିଛନ୍ତି। ସେହିପରି ପିଡିତା ନାବାଳିକାଙ୍କୁ ୫୦ହଜାର ଟଙ୍କା ସହାୟତା ଦେବାକୁ ଡିଏଲଏସଏକୁ ନିର୍ଦ୍ଦେଶ ଦେଇଥିବା ବେଳେ ଅଭିଯୁକ୍ତଙ୍କଠାରୁ ଆଦାୟ ହୋଇଥିବା ଟଙ୍କା ମଧ ପିଡିତାଙ୍କୁ ପ୍ରଦାନ କରିବାକୁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ସୋରଡା ଥାନା ଅଞ୍ଚଳର ପିଡ଼ିତା ନାବାଳିକା ଜଣଙ୍କ ୨୦୧୯ ମସିହା ଏପ୍ରିଲ ୭ତାରିଖରେ ଗାଁ ପୋଖରୀକୁ ଗାଧୋଇବାକୁ ଯାଇଥିବା ବେଳେ ବସନ୍ତ ନାୟକ ନାମକ ଜଣେ ତାଙ୍କୁ ରାସ୍ତାରେ ଅଟକାଇ ଟଣାଓଟରା କରିବା ସହ ଅସଦାଚରଣ କରିଥିବା ନେଇ ସୋରଡା ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗକୁ ଆଧାର କରି ପୁଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତ ବସନ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। କିଛି ମାସ ପରେ ସେ ଜାମିନରେ ମୁକୁଳିଥିଲେ। ମାମଲାର ବିଚାରଣା ବେଳେ ଏକାଧିକ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ସୋରଡା ଥାନାର ତତ୍କାଳୀନ ଥାନା ଅଧିକାରୀ ପ୍ରଭାତ କୁମାର ସାହୁ ସାର୍ଜସିଟ ଦାଖଲ କରିଥିଲେ। ଉପଯୁକ୍ତ ସାକ୍ଷ୍ୟ ପ୍ରମାଣକୁ ଭିତ୍ତି କରି କୋର୍ଟ ମଙ୍ଗଳବାର ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ମୋହନ ସିଙ୍ଗାରୀ ମକଦ୍ଦମା ପରିଚାଳନା କରୁଥିଲେ।

**ବଡ଼ଦିନ ପାଇଁ ଶାନ୍ତି କମିଟି ବୈଠକ**

# ମିଥ୍ୟା ଖବର ଉପରେ କଡ଼ା ନଜର ରଖିବାକୁ ପରାମର୍ଶ

**ଫୁଲବାଣୀ,୧୭।୧୨(ସମିସ):** କନ୍ଧମାଳ ଜିଲ୍ଲାରେ ଶାନ୍ତି ଓ ସଦ୍‌ଭାବନାର ସହିତ ବଡ଼ଦିନ ଓ ଖ୍ରୀଷ୍ଟିୟ ନବବର୍ଷ ପାଳନ ନିମନ୍ତେ ମଙ୍ଗଳବାର ଜିଲ୍ଲା ପରିଷଦ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅମ୍ରିତ୍ ଋତୁରାଜ୍‌ଙ୍କ ଅଧ୍ୟକ୍ଷତାରେ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଥିଲା।



ସାମାଜିକ ଗଣମାଧ୍ୟମରେ ଭାଇରାଲ୍ ହେଉଥିବା ଫେକ୍ ମେସେଜ୍ ବା ଖବର ଉପରେ ନଜର ରଖି ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ପୁଲିସ୍ ଅଧିକାରୀଙ୍କୁ କୁହାଯାଇଥିଲା। ଆବଶ୍ୟକ ପଡ଼ିଲେ ଚର୍ଚ୍ଚର ମୁଖ୍ୟ, ଥାନା ଅଧିକାରୀ, ତହସିଲ୍‌ଦାର ଓ ବିଡିଓଙ୍କୁ ନେଇ ଏକ ହ୍ୱାଟ୍‌ସ ଆପ୍ ଗ୍ରୁପ୍ କରିବାକୁ ଜିଲ୍ଲାପାଳ ପରାମର୍ଶ ଦେଇଥିଲେ। ସେହିପରି ଏସପି ହରୀଶ ବିସି ଜିଲ୍ଲାରେ ଆଇନ ଶୃଙ୍ଖଳା ପରିସ୍ଥିତି ଉପରେ କଡ଼ା ନଜର ରଖିବା ପାଇଁ ସମସ୍ତ ଆଇଆଇସି ଓ ଏସ୍‌ଡିପିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି ବୋଲି କହିଥିଲେ । ଗ୍ରୁପ୍‌ରେ ସେଭଳି କିଛି ଖବର ଆସିଲେ ପୁଲିସ ତରଫରୁ ତୁରନ୍ତ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ବିସି କହିଥିଲେ। କନ୍ଧମାଳ ଏକ ଶାନ୍ତି ପ୍ରିୟ ଜିଲ୍ଲା। ଭାଇଚାରାରେ ସମସ୍ତେ ସମସ୍ତଙ୍କୁ ସାହାଯ୍ୟ ସହାନୁଭୂତି ପ୍ରଦାନ କରିଥାନ୍ତି । କେବଳ ପର୍ବ ପାଳନ ସମୟରେ ବିଦ୍ୟୁତ୍ କାଟ୍ ନ କରିବା ପାଇଁ ଜିଲ୍ଲା ପ୍ରଶାସନକୁ କନ୍ଧମାଳ ଖ୍ରୀଷ୍ଟିଆନ୍ ଜନକଲ୍ୟାଣ ସମିତି ସଭାପତି ସୁରଞ୍ଜନ ନାୟକ ନିବେଦନ କରିଥିଲେ। ସମିତି ଉପସଭାପତି ମୋଜେସ୍ ଦିଗାଲ ନିଶା ଦ୍ରବ୍ୟ ବିକ୍ରି ଉପରେ କଟକଣା ଲାଗୁ କରିବାକୁ ନିବେଦନ କରିଥିଲେ । ବିଭିନ୍ନ ସମ୍ପ୍ରଦାୟରୁ ଆସିଥିବା ମୁଖ୍ୟମାନେ ପୂର୍ବର ପରିସ୍ଥିତି ଆଉ ନାହିଁ। ବଡଦିନ ପର୍ବ ଆନନ୍ଦର ସହ ପାଳନ କରାଯିବ ବୋଲି ବିଭିନ୍ନ ସମ୍ପ୍ରଦାୟ ମୁଖ୍ୟମାନେ ଏହି ଅବସରରେ କହିଥିଲେ। ବିଦ୍ୟୁତ କାଟ୍ ସମୟରେ ବହୁତ ଅସୁବିଧା ହୋଇଥାଏ। ଏଥିପ୍ରତି ନଜର ଦେବାକୁ ଅନ୍ୟ ସମ୍ପ୍ରଦାୟର ମୁଖ୍ୟ ଅନୁରୋଧ କରିଥିଲେ। ଅତିରିକ୍ତ ଜିଲ୍ଲାପାଳ ଅଶୋକ କୁମାର ଭୋଇ ବୈଠକ ପରିଚାଳନା କରିଥିବାବେଳେ ଉପଜିଲ୍ଲାପାଳ ଚିରଞ୍ଜନ ମହନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଶମ୍ଭୁନାଥ ନନ୍ଦୀ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ ଫୁଲବାଣୀ ଦେବଜାନୀ ଭୂୟାଁ, ବାଲିଗୁଡା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥାର ପ୍ରକଳ୍ପ ପ୍ରଶାସକ କୃପାସିନ୍ଧୁ ବେହେରା, ସମସ୍ତ ସରକାରୀ ପଦାଧିକାରୀ, ବିଭିନ୍ନ ସମ୍ପ୍ରଦାୟର ଜିଲ୍ଲା ତଥା ବ୍ଲକ ମୁଖ୍ୟ ଓ ଜନ ପ୍ରତିନିଧି ଉପସ୍ଥିତ ଥିଲେ।

# ମାଣ୍ଡିଆ ଚାଷ କରି ସ୍ୱାବଲମ୍ବୀ ହେଉଛନ୍ତି ମହିଳା

ଫୁଲବାଣୀ/ଫିରିଙ୍ଗିଆ,୧୭।୧୨(ସମିସ)



ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ତରଫରୁ ମହିଳାଙ୍କୁ ଆର୍ଥିକ ସ୍ୱାବଲମ୍ବୀ କରିବା ପାଇଁ ଛତୁ, ଗେଣ୍ଡୁ ଫୁଲ ଓ ବିଭିନ୍ନ ଚାଷ କରି ରୋଜଗାର ବୃଦ୍ଧି କରିବାକୁ ଉଦ୍ୟମ କରାଯାଉଛି। ବର୍ତ୍ତମାନ ଅଧିକାଂଶ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ବିଭିନ୍ନ ଚାଷ କରି ସ୍ୱାବଲମ୍ବୀ ହେବା ସହ ପରିବାର ପ୍ରତିପୋଷଣ କରି ପାରୁଛନ୍ତି।

କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ପବିଙ୍ଗିଆ ପଞ୍ଚାୟତ ଲାମପଦର ଗାଁର ମା ସରସ୍ୱତୀ ସ୍ୱୟଂ ସହାୟିକା ଗୋଷ୍ଠୀର ମହିଳା ମାଣ୍ଡିଆ ଚାଷ କରି ଆର୍ଥିକ ସ୍ୱାବଲମ୍ବୀ ହେବା ସହ ନିଜ ପରିବାର ପ୍ରତିପୋଷଣ କରିପାରିଛନ୍ତି। ସହାୟିକା ଗୋଷ୍ଠୀ ୪ ବର୍ଷ ହେବ ମାଣ୍ଡିଆ ଚାଷକୁ ଆପଣାଇଛନ୍ତି। ଫିରିଙ୍ଗିଆ ବ୍ଲକରେ ମିଲେଟ ମିଶନର ସହାୟତାରେ ପ୍ରଥମେ ମାଣ୍ଡିଆ ଚାଷ କରି ଭଲ ରୋଜଗାର ହେବାରୁ ୪ ବର୍ଷ ହେବ ଏହି ଚାଷ ଜାରି ରଖିଛନ୍ତି। ନିଜର ଗାଁରେ ବର୍ତ୍ତମାନ ୩ ଏକରରୁ ଅଧିକ ଜମିରେ ମାଣ୍ଡିଆ ଚାଷ କରିଥିବା ବେଳେ ଚଳିତ ବର୍ଷ ଭଲ ଚାଷ ମଧ ହୋଇଥିବା ସହାୟିକା ଗୋଷ୍ଠୀ ସଭାନେତ୍ରୀ ତୁଳସୀ କହଁର କହିଛନ୍ତି। ଏହା ବ୍ୟତୀତ ନିଜ ବାଡ଼ିରେ ମଧ ଅଳ୍ପ ଅଳ୍ପ ପନିପରିବା ଚାଷ କରିଥିବା କହିଛନ୍ତି ତୁଳସୀ। ମାଣ୍ଡିଆ ଚାଷରେ ଗତ ବର୍ଷ ହୋଇଥିବା ଚାଷରୁ ସାର ଓ ବିହନ ପାଇଁ କିଛି ଟଙ୍କା ସଞ୍ଚୟ କରିବା ସହ ବାକି ଟଙ୍କା ନିଜ ପରିବାର ଓ ପିଲାଙ୍କ ପାଠପଢା ଖର୍ଚ୍ଚ କରିଥିବା କହିଛନ୍ତି ସମ୍ପାଦିକା ସାରଳା କହଁର। ଏହି ଚାଷ ପାଇଁ ମହିଳାଙ୍କ ସ୍ୱାମୀ ସହଯୋଗ କରିବା ସହ ହଳ କରି ବିହନ ବୁଣିବାରେ ସହଯୋଗ କରିବାରୁ ଚଳିତ ବର୍ଷ ଭଲ ଚାଷ ହୋଇଥିବା କହିଛନ୍ତି ଗ୍ରୁପର ମହିଳା। ଗତ ବର୍ଷ ଅମଳ ହୋଇଥିବା ମାଣ୍ଡିଆ ୩୮ ଟଙ୍କାରେ ବିକ୍ରି ହୋଇଥିବା ବେଳେ ଚଳିତ ବର୍ଷ କେଜି ପ୍ରତି ଅଧିକ କିଛି ଟଙ୍କାରେ ବିକ୍ରି ହେଲେ ଅଧିକ ଟଙ୍କା ରୋଜଗାର ହେବ ବୋଲି ସେମାନେ ଆଶା ରଖିଛନ୍ତି। ଆଦାୟ ମାଣ୍ଡିଆକୁ ଠିକ ଦରରେ ମିଲେଟ ମିଶନ କିଣି ନେଉଥିବାରୁ ସମସ୍ତଙ୍କୁ ସୁବିଧା ହୋଇ ପାରୁଛି ବୋଲି ମା ସାରଳା ସ୍ୱୟଂ ସହାୟିକା ଗୋଷ୍ଠୀର ସଦସ୍ୟା ନମିତା କହଁର, ସ୍ୱପ୍ନା କହଁର, ସାବିତ୍ରୀ କହଁର, ରଜନୀ କହଁର, ପ୍ରେମସିଲା କହଁର ଓ ସୁନାରି କହଁର କହିଛନ୍ତି।

## ନାବାଳିକା ଅସଦାଚରଣ

# ଅଭିଯୁକ୍ତକୁ ୧୦ ବର୍ଷ ଜେଲ୍

**ଫୁଲବାଣୀ,୧୭।୧୨(ସମିସ):** ସଦର ଥାନା ଅଞ୍ଚଳର ଜନୈକା ନାବାଳିକାକୁ ଅସଦାଚରଣ ମାମଲାର ବିଚାର କରି ଫୁଲବାଣୀ ପୋକସୋ କୋର୍ଟ ଅଭିଯୁକ୍ତକୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ ଆଦେଶ ଦେଇଛନ୍ତି। ଏଥି ସହିତ ଦୋଷୀକୁ ୨୦ ହଜାର ଟଙ୍କା ଜରିମାନା କରାଯାଇଛି। ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲ ଭୋଗିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି ଅଦାଲତ। ପିଡ଼ିତାଙ୍କୁ ୧ ଲକ୍ଷ ୫୦ ହଜାର ଟଙ୍କାର କ୍ଷତି ପୂରଣ ପାଇଁ ମଧ ନିର୍ଦ୍ଦେଶ ଦିଆଯାଇଛି। ଅଭିଯୁକ୍ତ ଜଣକ ହେଲେ ରାକେଶ କୁମାର ମହାନନ୍ଦ। ସୂଚନା ପ୍ରକାରେ, ଗତ ୨୦୧୫ ମାର୍ଚ୍ଚ ୨୯ ତାରିଖରେ ପିଡିତା ନାବାଳିକାକୁ ରାକେଶ ଅସଦାଚରଣ କରିଥିବା ନେଇ ସଦର ଥାନାରେ ଅଭିଯୋଗ ହୋଇଥିଲା । ଅଭିଯୋଗ ଆଧାରରେ ପୁଲିସ୍ ଏକ ମାମଲା ରୁଜୁକରି ଅଭିଯୁକ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ମଙ୍ଗଳବାର ଏହି ମାମଲାର ବିଚାର କରି ପୋକସୋ କୋର୍ଟର ବିଚାରପତି ସାକ୍ଷ୍ୟ ପ୍ରମାଣ ଆଧାରରେ ଉପରୋକ୍ତ ରାୟ ଶୁଣାଇଛନ୍ତି। ମାମଲାକୁ ସ୍ୱତନ୍ତ୍ର ପିପି ଅସୀମ ପ୍ରହରାଜ ପରିଚାଳନା କରୁଥିଲେ।

**ଅଶ୍ରୁଳ ଶ୍ରଦ୍ଧାଞ୍ଜଳି**



**୰ ରେବତୀ ବେହେରା**
ରେଖା ନିବାସ, ବମିଖାଲ
ତିରୋଧାନ: ୯/୧୨/୨୦୨୪

ଏଇମିତି ଏକ ଡିସେମ୍ବରରେ ଏ ଘରକୁ ଆସିଥିଲ, ପୁଣି ଡିସେମ୍ବର ମାସରେ ଘର ଛାଡ଼ି ଚାଲିଗଲ। ତୁମେ ସମସ୍ତଙ୍କ ମା' ଲକ୍ଷ୍ମୀ ହୋଇ ରହିଥିଲ, ରହିଥିବ। ତୁମର ସ୍ନେହ, ମମତା ଅପୂରଣୀୟ। ତୁମେ ସବୁବେଳେ ଆମ ହୃଦୟରେ ଥିଲ ଆଉ ରହିଥିବ। ପବିତ୍ର ଆତ୍ମାର ସଦ୍‌ଗତି ପାଇଁ ପ୍ରଭୁଙ୍କ ପାଦତଳେ ଅଶ୍ରୁଳ ପ୍ରାର୍ଥନା।

ତୁମର ହତଭାଗ୍ୟ ସ୍ୱାମୀ: ଗୌରାଙ୍ଗ
ପୁତ୍ର: ବାବୁନି, ବୁଲୁ, କୁଲୁ, ପୁତ୍ରବଧୂ: ରଶ୍ମି, ଏଲି, ଚୁନି, ଝିଅ: ରୀନା, ଲୀଟା, ଲୀନା
ଜ୍ୱାଇଁ: ତମରୁ, ଗଗନ, ସନ୍ତୋଷ,
ନାତିନାତୁଣୀ ଓ ଅନ୍ୟମାନେ

ମେଡିକାଲରେ ହନ୍ତସନ୍ତ ରୋଗୀଙ୍କ ସମ୍ପର୍କୀୟ

# ଏମ୍‌କେସିଜିରେ ବିଶ୍ରାମ ସଦନ ନିର୍ମାଣ ସରିବ କେବେ

- ଖୋଲା ଆକାଶ ତଳେ ଆଶ୍ରୟ ନେଉଛନ୍ତି ଲୋକେ
- ଅର୍ଦ୍ଧନିର୍ମିତ ବିଶ୍ରାମ ସଦନ ଅସାମାଜିକଙ୍କ ଆଡାସ୍ଥଳୀ



ବ୍ରହ୍ମପୁର,୧୭ ।୧୨(ସମିସ)

ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ ଓ ହସ୍ପିଟାଲ(ଏମକେସିଜି) ଉପରେ ଦକ୍ଷିଣଓଡ଼ିଶାର ବିଭିନ୍ନ ଜିଲ୍ଲାର ରୋଗୀ ନିର୍ଭର କରିଥାନ୍ତି। ଅନେକ ସମୟରେ ରୋଗୀ ଓ ସେମାନଙ୍କ ସମ୍ପର୍କୀୟଙ୍କୁ ମାସାଧିକ କାଳ ମେଡ଼ିକାଲରେ ରହିବାକୁ ପଡ଼େ। ଏଭଳି ପରିସ୍ଥିତିରେ ରୋଗୀଙ୍କ ସମ୍ପର୍କିୟଙ୍କ ନିମନ୍ତେ ମେଡ଼ିକାଲ ପରିସରରେ ଏକ ରୋଗୀ ସମ୍ପର୍କୀୟଙ୍କ ପାଇଁ ସ୍ୱତନ୍ତ୍ର ବିଶ୍ରାମ ସଦନର ଆବଶ୍ୟକତା ରହିଛି। ଡାକ୍ତରଖାନାର ଭିତ୍ତିଭୂମିର ବିକାଶ କରିବାକୁ ଯାଇ ବହୁ କୋଟି ଟଙ୍କା ବ୍ୟୟରେ ଅନେକ ବହୁତଳ କୋଠା ଓ ନୂତନ ତଥା ଅତ୍ୟାଧୁନିକ ଯନ୍ତ୍ରପାତି ସ୍ଥାପନ କରାଯାଇଛି। ହେଲେ ରୋଗୀଙ୍କ ସମ୍ପର୍କିୟ ବା ଆଟେଣ୍ଡରଙ୍କ ରହିବା ପାଇଁ କ୍ୟାମ୍ପସରେ ସେଭଳି କୌଣସି ବ୍ୟବସ୍ଥା ହୋଇନାହିଁ। ଫଳରେ ରୋଗୀଙ୍କ ସମ୍ପର୍କୀୟଙ୍କୁ ବାରଣ୍ଡାରେ ଅଥବା ଖୋଲା ଆକାଥ ତଳେ ପଡ଼ି ରହିବାକୁ ପଡୁଛି। ରୋଗୀଙ୍କ ସମ୍ପର୍କିୟଙ୍କ ଏଭଳି ଦୟନୀୟ ସ୍ଥିତିକୁ ଦୃଷ୍ଟିରେ ରଖି ଏମକେସିଜି ମେଡ଼ିକାଲ ପରିସରରେ ଏକ ସ୍ୱତନ୍ତ୍ର ବିଶ୍ରାମ ସଦନ ନିର୍ମାଣ ନିମନ୍ତେ ପାୱାର୍ ଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଗତ ୨୦୧୮ ମସିହାରେ ଏଭଳି ନିଷ୍ପତି ହୋଇଥିବା ବେଳେ ୨ବର୍ଷ ପୂର୍ବେ ଏମକେସିଜି ମେଡ଼ିକାଲ ପରିସରରେ ଥିବା ପିଜି କ୍ୟାଣ୍ଟିନ ସମ୍ମୁଖରେ ବିଶ୍ରାମ ସଦନ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ଇତି ମଧ୍ୟରେ ଦୁଇବର୍ଷ ବିତିଯାଇଥିଲେ ହେଁ ପ୍ରକଳ୍ପ କାର୍ଯ୍ୟ ଶେଷ ହେଉନାହିଁ। ଏମକେସିଜି ମେଡ଼ିକାଲର ଆଉଟ୍‌ଡୋର୍‌କୁ ପ୍ରତିଦିନ ୨ହଜାରରୁ ଅଧିକ ରୋଗୀ ଆସିଥାନ୍ତି। ସେହିପରି କାଜୁଆଲ୍‌ଟିରେ ମଧ ୨୪ଘଣ୍ଟିଆ ରୋଗୀସେବା ଦିଆଯାଇଥାଏ। ଗୁରୁତର ରୋଗୀଙ୍କ ଚିକିତ୍ସା ପାଇଁ ଡାକ୍ତରଙ୍କ ପରାମର୍ଶ କ୍ରମେ ଇନ୍‌ଡୋର୍‌ରେ ଭର୍ତ୍ତି କରାଯାଇଥାଏ। ରୋଗୀ ସୁସ୍ଥ ହେବା ପର୍ଯ୍ୟନ୍ତ ସେମାନଙ୍କ ସହାୟତା ପାଇଁ ପରିବାର ସଦସ୍ୟ ଅଥବା ସମ୍ପର୍କିୟମାନେ ଜଗି ରହିଥାନ୍ତି। ସମ୍ପର୍କୀୟଙ୍କ ରହିବା ପାଇଁ ଆବଶ୍ୟକ ସ୍ଥାନ ନଥିବାରୁ ଡାକ୍ତରଖାନା ପରିସରରେ ସେମାନଙ୍କୁ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେବାକୁ ପଡିଥାଏ। ବିଶେଷ କରି ଦକ୍ଷିଣଓଡ଼ିଶାର ବିଭିନ୍ନ ଦୁର୍ଗମ ଅଞ୍ଚଳରୁ ଆସୁଥିବା ଗରିବ ଲୋକଙ୍କୁ ଖୋଲାଆକାଶ ତଳେ ଦିନରାତି ବିତାଇବାକୁ ପଡିଥାଏ। ପୂର୍ବରୁ ଡାକ୍ତରଖାନାର ଅଧୀକ୍ଷକଙ୍କ ପୁରୁଣା କାର୍ଯ୍ୟାଳୟକୁ ଯିବା ରାସ୍ତାରେ ଏକ ରୋଗୀ ଆଟେଣ୍ଡାଣ୍ଟ ରେଷ୍ଟସେଡ୍ ଥିଲା।

୨୦୦୫ମସିହା ଫେବ୍ରୁଆରି ମାସରେ ତାହା ଉଦ୍‌ଘାଟିତ ହୋଇଥିଲା। ତେବେ ଗତ କିଛିବର୍ଷ ଧରି ତାହା ତାଲା ପଡି ବନ୍ଦ ରହିଛି। ରୋଗୀଙ୍କ ସମ୍ପର୍କିୟଙ୍କ ପାଇଁ ବିଶ୍ରାମ ସ୍ଥଳୀ ନଥିବାରୁ ରାତିରେ ସେମାନଙ୍କ ସାମଗ୍ରୀ ଚୋରି ହେଉଥିବାର ଅନେକ ନଜିର ମଧ ରହିଛି। ଏପରିକି ବିଗତ ଦିନରେ ଏମକେସିଜି ମେଡିକାଲ ପରିସରରେ ବାରଣ୍ଡାରେ ଶୋଇଥିବା ଜଣେ ରୋଗୀଙ୍କ ସମ୍ପର୍କୀୟଙ୍କୁ ବିସ୍କୁଟରେ ବିଷ ଦେଇ ତାଙ୍କୁ ହତ୍ୟା କରିବା ପରେ ତାଙ୍କ ଠାରୁ ଟଙ୍କା ଲୁଟିବା ଭଳି ଘଟଣା ସେତେବେଳେ ଚାଞ୍ଚଲ୍ୟ ସୃଷ୍ଟି କରିଥିଲା। ଏ ଦିଗରେ ପାୱାର୍ ଗ୍ରିଡ୍ କର୍ପୋରେସନ୍ ଆଗେଇ ଆସି ରୋଗୀଙ୍କ ସମ୍ପର୍କୀୟଙ୍କ ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ହାତ ବଢ଼ାଇଥିଲା।

ପାୱାର୍ ଗ୍ରିଡ୍ ପକ୍ଷରୁ ୨ଶହ ପ୍ରକୋଷ୍ଠ ସହିତ ୭ମହଲା କୋଠା ନିର୍ମାଣ କରିବା ପାଇଁ ନିଷ୍ପତ୍ତି ହୋଇ କାର୍ଯ୍ୟ ଆରମ୍ଭ ହୋଇଥିଲେ ହେଁ ଏଥିରେ ବିଳମ୍ବ ଘଟୁଛି। ଯାହା ଫଳରେ ଉକ୍ତ ଅର୍ଦ୍ଧନିର୍ମିତ କୋଠା ବର୍ତ୍ତମାନ ଅସାମାଜିକ ତତ୍ତ୍ୱଙ୍କ ଆଡ଼ାସ୍ଥଳୀ ପାଲଟିଛି। ରାତ୍ରୀ ସମୟରେ ବିଭିନ୍ନ ଆସାଧୁକାର୍ଯ୍ୟରେ ବହୁ ଯୁବକ ଓ ଯୁବତୀ ଲିପ୍ତ ରହୁଥିବା ଅଭିଯୋଗ ହେଉଛି। ସେହିପରି ଗତ କିଛିଦିନ ହେବ ଉକ୍ତ କୋଠାରେ କିଛି ଅଜଣା ବ୍ୟକ୍ତି ଆଶ୍ରୟ ନେଉଥିବା ଦେଖିବାକୁ ମିଳିଛି।

## କ୍ରାଇମ୍ କର୍ଣ୍ଣର

### ହତ୍ୟା ଉଦ୍ୟମକାରୀ ସ୍ୱାମୀ ଗିରଫ

- ସ୍ତ୍ରୀକୁ କାଠଫାଳିଆ ଓ ଲୁହାଛଡ଼ରେ କରିଥିଲେ ଆକ୍ରମଣ

**ବ୍ରହ୍ମପୁର,୧୭ ।୧୨(ସମିସ):** ସ୍ତ୍ରୀକୁ କାଠ ଫଳିଆ, ଲୁହାଛଡ଼୍‌ରେ ଆକ୍ରମଣ କରିବା ଓ ତକିଆ ଦେଇ ଜୀବନରୁ ମାରିଦେବାକୁ ଉଦ୍ୟମ କରିବା ଅଭିଯୋଗରେ ବୈଦ୍ୟନାଥପୁର ଥାନା ପୁଲିସ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ଆଙ୍କୁଲି କୁମ୍ଭାରପଲ୍ଲୀ ଅଞ୍ଚଳରେ ରହୁଥିବା ଅନନ୍ତ କୁମାର ସେଠୀ(୪୧)। ଅଭିଯୁକ୍ତ ଅନନ୍ତ ଜଣେ ସେନାକର୍ମଚାରୀ। ସେ ଚଣ୍ଡୀଗଡ଼ରେ କାର୍ଯ୍ୟରତ ଥିଲେ। ସୂଚନାଯୋଗ୍ୟ ଯେ, ଅନନ୍ତ କୁମାର ସେଠୀ ନିଜ ପରିବାର ନେଇ ଆଙ୍କୁଲି କୁମ୍ଭାରପଲ୍ଲୀ ଅଞ୍ଚଳରେ ରୁହନ୍ତି। ସେ ଚଣ୍ଡୀଗଡ଼ରେ କାର୍ଯ୍ୟରତ ଥିଲାବେଳେ ଗତ କିଛିଦିନ ହେବ ସେ ଘରକୁ ଆସିଥିଲେ। ଗତ ୧୬ତାରିଖରେ କୌଣସି କାରଣକୁ ନେଇ ଅନ୍ତନ ସ୍ତ୍ରୀ ସହ ଝଗଡ଼ା କରିଥିଲେ। ପରେ ଏକ ରୁମରେ ସ୍ତ୍ରୀକୁ ବନ୍ଦିକରି କାଠ ଫଳିଆ ଓ ଲୁହାରେ ଆକ୍ରମଣ କରିଥିଲେ। ଆକ୍ରମଣରେ ସ୍ତ୍ରୀ ଗୁରୁତର ହୋଇଥିଲେ।

ପରେ ଏକ ତକିଆ ଆଣି ତାଙ୍କ ମୁହଁକୁ ଦବାଇ ହତ୍ୟା ଉଦ୍ୟମ କରିଥିଲେ। ସ୍ୱାମୀ କବଳରୁ ସ୍ତ୍ରୀ ଖସି ଆସି ପୁଲିସକୁ ଫୋନ ଯୋଗେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଅଭିଯୋଗକାରୀଙ୍କୁ ଉଦ୍ଧାର କରି ମେଡ଼ିକାଲ ନେଇଥିଲେ। ମେଡ଼ିକାଲରେ ତାଙ୍କର ଚିକିତ୍ସା କରାଇ ଘଟଣାକୁ ନେଇ ବୈଦ୍ୟନାଥପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗରେ ପୂର୍ବରୁ ସ୍ୱାମୀ ଅନନ୍ତ ତାଙ୍କୁ ତିନି-ଚାରିଥର ହତ୍ୟା ଉଦ୍ୟମ କରିଥିଲେ ବୋଲି ଉଲ୍ଲେଖ କରିଥିଲେ। ପୁଲିସ ଅଭିଯୋଗକୁ ଆଧାର କରି ଏକ ମାମଲା ରୁଜୁ କରିବା ପରେ ଅଭିଯୁକ୍ତ ଅନନ୍ତକୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତ ଅନନ୍ତଙ୍କ ଜାମିନ ନାମଞ୍ଜୁର ହେବାପରେ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଛି।

- ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲା

### ଆର୍‌ଆଇଙ୍କୁ ୩ ବର୍ଷ ଜେଲ୍

**ବ୍ରହ୍ମପୁର,୧୭ ।୧୨(ସମିସ):** ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ମାମଲାର ବିଚାରଣ କରି ବ୍ରହ୍ମପୁର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ବିଚାରପତି ଡ଼. ଅରୁଣ କୁମାର ସାହୁ ଜଣେ ଆରଆଇଙ୍କୁ ଦୋଷୀ ସାବ୍ୟସ୍ତ କରି ୩ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ କରିଛନ୍ତି। ଏହାସହ ୨୫ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଅନାଦେୟ ଅତିରିକ୍ତ ୬ମାସ ଜେଲ ଦଣ୍ଡ ଭୋଗିବାକୁ ହେବ ବୋଲି ଉକ୍ତ ରାୟରେ ଉଲ୍ଲେଖ ରହିଛି। ଦୋଷୀ ସାବ୍ୟସ୍ତ ହୋଇଥିବା ଆରଆଇ ଜଣଙ୍କ ହେଲେ ଗୋଷାଣୀନୂଆଗାଁ ରେଭେନ୍ୟୁ ସର୍କଲର ତତକାଳୀନ ଆରଆଇ ସୁଦର୍ଶନ ପଣ୍ଡା(୬୫)। ସୂଚନାଯୋଗ୍ୟ ଯେ, ୨୦୦୯ ବେଳକୁ ସୁଦର୍ଶନ ଗୋଷାଣୀନୂଆଗାଁ ଆରଆଇ ଭାବେ କାର୍ଯ୍ୟ କରୁଥିଲେ। ସେହି ସମୟରେ ତାଙ୍କ ନାମରେ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗ ହୋଇଥିଲା। ଭିଜିଲାନ୍ସ କଟକ ସେଲ ପକ୍ଷରୁ ୩୦ ସେପ୍ଟେମ୍ବର ୨୦୦୯ରେ ଗୋଷାଣୀନୂଆଗାଁ ସ୍ଥିତ ତାଙ୍କ ସରକାରୀ କାର୍ଯ୍ୟାଳୟ ସମେତ ଗଞ୍ଜାମ ଜିଲ୍ଲା ଗୋବରା ନିକଟ ବାସୁଦେବପୁରଠାରେ ଥିବା ପୈତୃକ ବାସଭବନ, ବ୍ରହ୍ମପୁର ଶକ୍ତିନଗର ସ୍ଥିତ ବାସଭବନରେ ଚଢଉ କରାଯାଇ ଆରଆଇ ଶ୍ରୀ ପଣ୍ଡାଙ୍କ ନିକଟରୁ ମୋଟ ୨୦ଲକ୍ଷ ୧୬ହଜାର ୧୯ଟଙ୍କାର ଆୟ ବର୍ହିଭୂତ ସମ୍ପତ୍ତି ଭିଜିଲାନ୍ସ ଠାବ କରିଥିଲା। ହେଲେ ବିଚାରଣା ବେଳେ ରାଜସ୍ୱ ନିରୀକ୍ଷକଙ୍କ ମୋଟ ଆୟ ବର୍ହିଭୁତ ସମ୍ପତ୍ତି ୧୫ଲକ୍ଷ ୨୫ହଜାର ୫୦୫ବୋଲି କୋର୍ଟ ଧାର୍ଯ୍ୟ କରିଥିଲେ। ମାମଲାର ବିଚାରଣା ବେଳେ ଭିଜିଲାନ୍ସର ତତ୍କାଳୀନ ଇନ୍ସପେକ୍ଟର ବସନ୍ତ କୁମାର ସିହ୍ନା ତଦନ୍ତ କରି ଚାର୍ଜସିଟ ଦାଖଲ କରିଥିଲେ। ବିଚାରଣ ବେଳେ ମୋଟ ୩୯ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ମାନ୍ୟବର କୋର୍ଟ ମଙ୍ଗଳବାର ଉପରୋକ୍ତ ରାୟ ପ୍ରକାଶ କରିଥିଲେ। ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ସୁରେନ୍ଦ୍ର ପଣ୍ଡା ମକଦ୍ଦମା ପରିଚାଳନା କରୁଥିଲେ।

### ବୃଦ୍ଧାଙ୍କୁ ଅସଦାଚରଣ; ୨ ଗିରଫ

**ବ୍ରହ୍ମପୁର,୧୭ ।୧୨(ସମିସ):** ଜଣେ ୬୦ବର୍ଷିୟା ବୃଦ୍ଧାକୁ ଅସଦାଚରଣ କରିବା ଅଭିଯୋଗରେ ଟାଉନ ଥାନା ପୁଲିସ ଦୁଇଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଦୁଇଜଣ ହେଲେ ଟାଉନ ଥାନା ଅଞ୍ଚଳର ଏମ ନୋକା ରାଜୁ(୪୯) ଓ ବି ରାମେୟା ପାତ୍ର ଓରଫ ବୁଡୁ (୩୯)।

ସୂଚନାଯୋଗ୍ୟ ଯେ, ଗାନ୍ଧୀନଗର ଅଞ୍ଚଳରେ ରହୁଥିବା ଜଣେ ୬୦ବର୍ଷୀୟା ବୃଦ୍ଧା ଫୁଲ ତୋଳିବା ସମୟରେ ଉପରୋକ୍ତ ଅଭିଯୁକ୍ତମାନେ ତାଙ୍କୁ ଦୁର୍ବ୍ୟବହାର କରିବା ସହ ଅସଦାଚରଣ କରିଥିଲେ। ବୃଦ୍ଧା ଜଣକ ପାଟି କରିବାକୁ ଅଭିଯୁକ୍ତମାନେ ଘଟଣାସ୍ଥଳରୁ ଚମ୍ପଟ ମାରିଲେ। ଘଟଣାକୁ ନେଇ ବୃଦ୍ଧା ଜଣକ ଟାଉନ ଥାନାରେ ଏତଲା ଦେବା ପରେ ପୁଲିସ ଏକ ମାମଲା ରୁଜୁ କରି ଉପରୋକ୍ତ ଦୁଇ ଅଭିଯୁକ୍ତକୁ ଗିରଫ କରି ମଙ୍ଗଳବାର ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଥିବା ତଦନ୍ତ ଅଧିକାରୀ ତଥା ଏସଆଇ ସୁଜତ କହଁର ସୂଚନା ଦେଇଛନ୍ତି।

## ବିସିଜେଡିର ସଭ୍ୟ ସଂଗ୍ରହ ଅଭିଯାନ



**ବ୍ରହ୍ମପୁର,୧୭ ।୧୨(ସମିସ):** ବିଜୁ ଜନତା ଦଳର ସୁପ୍ରିମ ତଥା ବିରୋଧି ଦଳ ନେତା ନବୀନ ପଟ୍ଟନାୟକଙ୍କ ଆହ୍ୱାନ କ୍ରମେ ବିଜୁ ଛାତ୍ର ଜନତା ଦଳ ପକ୍ଷରୁ ସଭ୍ୟ ସଂଗ୍ରହ ଅଭିଯାନକୁ ବ୍ୟାପକ କରାଯାଇଛି। ଏହି କ୍ରମରେ ଗଞ୍ଜାମ ଶାଖା ପକ୍ଷରୁ ବିଭିନ୍ନ ବିଶ୍ୱବିଦ୍ୟାଳୟ ଓ କଲେଜ ମାନଙ୍କରେ ଡ଼ିଜିଟାଲ ସଭ୍ୟ ସଂଗ୍ରହ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରାଯାଇଛି। ସ୍ଥାନୀୟ ଖଲ୍ଲିକୋଟ ଏକକ ବିଶ୍ୱବିଦ୍ୟାଳୟ ଏବଂ ବ୍ରହ୍ମପୁର ବିଶ୍ୱବିଦ୍ୟାଳୟଠାରେ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ରାଜ୍ୟ କାର୍ଯ୍ୟକାରୀ ସଭାପତି ମିକୁ ପ୍ରଧାନ, ରାଜ୍ୟ ସାଧାରଣ ସମ୍ପାଦକ ମନୋଜ ଦୋରା, ରାଜ୍ୟ ସମ୍ପାଦକ ରଂଜିତ ଦାସ, ବ୍ରହ୍ମପୁର ଛାତ୍ର ସଭାପତି ଶୋଭନ ନାୟକଙ୍କ ସହ ବିଶ୍ୱବିଦ୍ୟାଳୟର ବହୁ ଛାତ୍ର ନେତାଗଣ ସଭ୍ୟା ସଂଗ୍ରହ କରିଥିଲେ।

## ଫାର୍ମାସୀ ଛାତ୍ରୀଙ୍କ ଆତ୍ମହତ୍ୟା ମାମଲା: ଇଂଜିନିୟରିଂ ଛାତ୍ର ଗିରଫ

### ପରୀକ୍ଷା ଦେଇ ଫେରିବା ବେଳେ ପ୍ରେମିକକୁ ଉଠାଇନେଲା ପୁଲିସ

**ବ୍ରହ୍ମପୁର,୧୭ ।୧୨(ସମିସ):** ଗତ ସେପ୍ଟେମ୍ବର ୨୬ତାରିଖ ରାତିରେ ଗୋପାଳପୁର ଥାନା ଅନ୍ତର୍ଗତ ଖୋଡ଼ାସିଙ୍ଗିସ୍ଥିତ ଏକ ଘରୋଇ ଶିକ୍ଷା ଅନୁଷ୍ଠାନର କ୍ୟାମ୍ପସ ପରିସରରେ ଥିବା ଛାତ୍ରୀ ନିବାସରେ ଉକ୍ତ ଅନୁଷ୍ଠାନର ଡ଼ି'ଫାର୍ମା ଦ୍ୱିତୀୟ ବର୍ଷ ଛାତ୍ରୀ ତଥା ପୁରୀ ଜିଲ୍ଲା ସିଆଳ ଗ୍ରାମ ନିବାସୀ ଅନିତା (ଛଦ୍ମନାମ) ଦାଶ ଆତ୍ମହତ୍ୟା କରିବା ଘଟଣାରେ ପୁଲିସ ଜଣେ ଯୁବକଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ପୁରୀ ଜିଲ୍ଲା ବାଲି ପାଟପୁର ଗ୍ରାମର ରାଜା ମିଶ୍ର(୧୯)। ସୋମବାର ରାଜା ପରୀକ୍ଷା ଦେଇ ଫେରିବା ବେଳେ ପୁଲିସ ତାଙ୍କୁ ଉଠାଇନେଇ ଜେରା କରିବା ସହ ମଙ୍ଗଳବାର ସନ୍ଧ୍ୟାରେ କୋର୍ଟଚାଲାଣ କରିଛି। ସୂଚନାଯୋଗ୍ୟ ଯେ, ସେପ୍ଟେମ୍ବର ୨୬ ତାରିଖ ରାତିରେ ସ୍ଥାନୀୟ ଏକ ଘରୋଇ ଫାର୍ମାସି କଲେଜର ଡ଼ି. ଫାର୍ମାର ଦ୍ୱିତୀୟ ବର୍ଷ ଛାତ୍ରୀ ଅନିତା ଦାଶ (୧୯) ହଷ୍ଟେଲରେ ଆତ୍ମହତ୍ୟା କରିଥିଲେ। ଅନିତାଙ୍କ ସହ ଜନୈକ ଇଂଜିନିୟରିଂ ଛାତ୍ରଙ୍କ ମଧ୍ୟରେ ପ୍ରେମସମ୍ପର୍କ ରହିଥିଲା। ଅନିତାଙ୍କୁ ତାଙ୍କ ପୁରୁଷ ବନ୍ଧୁ ରାଜା ନିଜର ଅନ୍ୟବନ୍ଧୁମାନଙ୍କ ସହିତ ସମ୍ପର୍କ ରଖିବାକୁ ବାଧ କରିଥିଲା ବୋଲି ମୃତ ଛାତ୍ରୀଙ୍କ ପିତା ସାଙ୍ଘାତିକ ଅଭିଯୋଗ ଆଣିଥିଲେ। ବିଭିନ୍ନ ସମୟରେ ସେ ବ୍ଲାକମେଲ କରିଆସୁଥିଲା ବୋଲି ଅଭିଯୋଗ କରିଥିଲେ ଅନିତାଙ୍କ ବାପା। ଏପରିକି ଝିଅକୁ ମାନସିକ ନିର୍ଯ୍ୟାତନା ଦେଇ ଆତ୍ମହତ୍ୟା କରିବାକୁ ବାଧ କରିଥିବା ନେଇ ସେ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଘଟଣା ପରଠାରୁ ସେ ଫେରାର ରହିଥିଲା। ଅଭିଯୁକ୍ତ ରାଜା ଉକ୍ତ ଶିକ୍ଷାନୁଷ୍ଠାନରେ ବାୟୋଟେକ ଦ୍ୱିତୀୟ ବର୍ଷର ଛାତ୍ର ହୋଇଥିବା ବେଳେ ସୋମବାର ପରୀକ୍ଷା ଦେବାକୁ ଆସିଥିବା ପୁଲିସ ସୂଚନା ପାଇଥିଲା।

## ୨୩ରୁ ଆଧ୍ୟାତ୍ମିକ ଶାସ୍ତ୍ର ପ୍ରବଚନ

**ବ୍ରହ୍ମପୁର,୧୭ ।୧୨(ସମିସ):** ହିଲପାଟଣା ସ୍ଥିତ ବିଜୁ ପଟ୍ଟନାୟକ ସଂସ୍କୃତି ଭବନରେ ଆସନ୍ତ ୨୩ରୁ ଷଷ୍ଠ ଦିନ ବ୍ୟାପୀ ଆଧ୍ୟାତ୍ମିକ ଶାସ୍ତ୍ର ପ୍ରବଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏହାର ଉଦ୍‌ଘାଟନୀ ସନ୍ଧ୍ୟାରେ ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ ମୁଖ୍ୟ ଅତିଥି ଭାବେ ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସେହିପରି ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା, ଗଣ ଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ସମ୍ମାନିତ ଅତିଥି ଭାବେ ଯୋଗ ଦେବା ସହ ଚିନ୍ମୟ ମିଶନ୍ ଦକ୍ଷିଣ ଆଫ୍ରିକାର ରାଷ୍ଟ୍ରୀୟ ମୁଖ୍ୟ ସ୍ୱାମୀ ଅଭେଦାନନ୍ଦଜୀ ଯୋଗଦେଇ ଦିବ୍ୟ ପ୍ରବଚନ ପ୍ରଦାନ କରିବେ ବୋଲି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି। ଏହି ଦିନ ମାନଙ୍କରେ ପ୍ରତ୍ୟହ ସକାଳ ୭ଟାରୁ ୮.୧୫, ମଧ୍ୟାହ୍ନ ୧୦.୩୦ରୁ ୧୨.୦୦ ଓ ସନ୍ଧ୍ୟା ୬.୩୦ରୁ ୮ଟା ପର୍ଯ୍ୟନ୍ତ ୩ଟି ପର୍ଯ୍ୟାୟରେ ଅନୁଷ୍ଠିତ ହେବ। ଏନେଇ ଆଜି ସାମ୍ବାଦିକ ସମ୍ମିଳନୀରେ ବ୍ରହ୍ମପୁର ଚିନ୍ମୟ ମିଶନ୍‌ର ପରିଚାଳକ ସ୍ୱାମୀ ସଦାଶିବାନନ୍ଦ ସୂଚନା ଦେଇଛନ୍ତି।

- ଭାରତ ଲୀଳା ଦେଖିବା ବେଳେ ଆକ୍ରମଣ ଘଟଣା

## ଗିରଫ ସଂଖ୍ୟା ୩କୁ ବୃଦ୍ଧି

**ବ୍ରହ୍ମପୁର,୧୭ ।୧୨(ସମିସ):** ଭାରତ ଲୀଳା ଦେଖିବା ବେଳେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ଗୋଷାଣୀନୂଆଗାଁ ଥାନା ପୁଲିସ ଆଉ ଜଣେ ଯୁବକକୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ଯୁବକ ଜଣକ ହେଲେ ବାଲାଜୀନଗରର ସଂଗ୍ରାମ ସାମଲ ଓରଫ ସୋନୁ (୨୫)। ପୂର୍ବରୁ ଏହି ମାମଲାରେ ଆକାଶ ମହାରଣା ଓ ଟୁକୁ ବେହେରା ଗିରଫ ହୋଇଥିଲେ। ସୂଚନାଯୋଗ୍ୟ ଯେ, ଗୋଷାଣୀନୂଆଗାଁ ବେଢ଼ାବନ୍ଧ ସାହିରେ ଗତ ଅକ୍ଟୋବର ମାସରେ ଭାରତ ଲୀଳା ଆୟୋଜନ ହୋଇଥିଲା । ମୁନା ପାତ୍ର ନାମକ ଜଣେ ଯୁବକ ଭାରତ ଲୀଳା ଦେଖୁଥିବା ବେଳେ ଟୁଟୁ ବେହେରା ଓ ସୋନୁ ମିଶି ତାଙ୍କୁ ଆକ୍ରମଣ କରିଥିଲେ। ଏଥିରେ ମୁନା ଆହତ ହୋଇଥିଲେ । ଘଟଣାକୁ ନେଇ ମୁନାଙ୍କ ଭଉଣୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ କରି ଉପରୋକ୍ତ ଅଭିଯୁକ୍ତକୁ ଗିରଫ କରିଛି।

ମହାମୟୀ ମହିଳା ମହାବିଦ୍ୟାଳୟର ନୂତନ କ୍ୟାମ୍ପସ୍ କାର୍ଯ୍ୟକ୍ଷମ କରିବା ପ୍ରସଙ୍ଗ

# ନିର୍ଦ୍ଧାରିତ ସମୟରେ ସ୍ଥାନାନ୍ତର ହେବା ଅସମ୍ଭବ



ବ୍ରହ୍ମପୁର,୧୭ ।୧୨(ସମିସ)

ଜାନୁଆରୀ ୨ତାରିଖ ସୁଦ୍ଧା ଡିଗ୍ରୀ ଓ ପିଜି ଶ୍ରେଣୀକୁ ନୂତନ କ୍ୟାମ୍ପସକୁ ସ୍ଥାନାନ୍ତର କରିବା ବର୍ତ୍ତମାନ ପରିସ୍ଥିତିରେ ସମ୍ଭବପର ନୁହେଁ। ଏଥିପାଇଁ ଭିତ୍ତିଭୂମିର ବିକାଶ ସହିତ ଅଧିକ କିଛି ଦିନର ମହଲତ ଜରୁରୀ ବୋଲି ସ୍ପଷ୍ଟ କରିଛନ୍ତି ମହାମୟୀ ମହିଳା ମହାବିଦ୍ୟାଳୟର ଅଧକ୍ଷା। ବିଶ୍ୱବ୍ୟାଙ୍କର ଆଇଡିପି ଅନୁଦାନରେ ମହାମୟୀ ମହିଳା ମହାବିଦ୍ୟାଳୟର ଦ୍ୱିତୀୟ ତଥା ନୂତନ କ୍ୟାମ୍ପସ ସ୍ଥାନୀୟ ମିନାକ୍ଷୀ ନଗରରେ ପ୍ରତିଷ୍ଠା ହୋଇସାରିଛି। ପୂର୍ତ୍ତବିଭାଗ ପକ୍ଷରୁ ନିର୍ମିତ କୋଠା କଲେଜ କର୍ତ୍ତୃପକ୍ଷଙ୍କୁ ହସ୍ତାନ୍ତର ମଧ ହୋଇସାରିଛି। ତେବେ ନୂତନ କୋଠାରେ ବିଦ୍ୟୁତିକରଣ କାର୍ଯ୍ୟ ଏପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ। ସେପଟେ ପିଲାଙ୍କ ପାଠପଢା ପାଇଁ ଆବଶ୍ୟକ ଚେୟାର ଓ ଟେବୁଲ ସମେତ ଅନ୍ୟାନ୍ୟ ଆନୁସଙ୍ଗିକ ସାମଗ୍ରୀ କ୍ରୟ କରିବାରେ ବିଭିନ୍ନ କାରଣରୁ ବିଳମ୍ବ ଘଟିଛି। ଏଣୁ ଏସବୁ କାର୍ଯ୍ୟ ଶେଷ ନହେବା ପୂର୍ବରୁ ଅର୍ଥାତ୍ ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ପକ୍ଷରୁ ନିର୍ଦ୍ଧାରିତ ଜାନୁଆରୀ ୨ତାରିଖ ସୁଦ୍ଧା ନୂତନ କ୍ୟାମ୍ପସକୁ କାର୍ଯ୍ୟକ୍ଷମ କରିବା ଏକ ରକମର ଅସମ୍ଭବ ବୋଲି ନିଜ ପ୍ରତିକ୍ରିୟାରେ କହିଛନ୍ତି କଲେଜର ଅଧକ୍ଷା ଡଃ ନିବେଦିତା ମହାପାତ୍ର। ତେବେ ଏଥିପାଇଁ ଯଥାଶୀଘ୍ର ଆବଶ୍ୟକ ପଦକ୍ଷେପ ଗ୍ରହଣ କରି ଉକ୍ତ ନୂତନ କ୍ୟାମ୍ପସକୁ କାର୍ଯ୍ୟକ୍ଷମ କରାଯିବ ବୋଲି ସେ ସ୍ପଷ୍ଟ କରିଛନ୍ତି। ଏଥିପାଇଁ ଅଧିକ କିଛି ଦିନର ମହଲତ ପାଇଁ ଅନୁରୋଧ କରି ଆଞ୍ଚଳିକ ଉଚ୍ଚଶିକ୍ଷା ନିର୍ଦ୍ଦେଶାଳୟ ଓ ଉଚ୍ଚଶିକ୍ଷା ବିଭାଗକୁ ଚିଠି ଲେଖାଯିବ ବୋଲି ସେ ସୂଚନା ଦେଇଛନ୍ତି। ପୂର୍ବରୁ ୫ଟି ଜରିଆରେ ୧୦୦ଚେୟାର ଓ ଟେବୁଲ ସହିତ ପିଲାଙ୍କ ପ୍ରାକ୍ଟିକାଲ ପାଇଁ ସାମଗ୍ରୀ ଯୋଗାଇ ଦିଆଯାଇଛି। ତେବେ ନୂତନ କ୍ୟାମ୍ପସ ପାଇଁ ଥ୍ରି-ଫେଜ ବିଦ୍ୟୁତ ସଂଯୋଗ ଓ ଟ୍ରାନ୍ସଫର୍ମର ପ୍ରତିଷ୍ଠା ପାଇଁ ବିନିଯୋଗ ହୋଇଥିବା ୨୪ଲକ୍ଷ ୪୯ହଜାର ୮୮୩ଟଙ୍କାର ବିନିଯୋଗ ପତ୍ର କଲେଜ କର୍ତ୍ତୃପକ୍ଷଙ୍କ ହସ୍ତଗତ ହୋଇନାହିଁ। ସେହିଭଳି ଅନେକ ବିଦ୍ୟୁତୀକରଣ କାର୍ଯ୍ୟ ଅଧପନ୍ତରିଆରେ ରହିଛି। ସେହିଭଳି କଲେଜ ପାଇଁ ଆସିଥିବା ମୋଟ ୧କୋଟି ୪ଲକ୍ଷ ୨୬ହଜାର ଆଇଡିପି ଅନୁଦାନରୁ ୩୩ଲକ୍ଷ ବିନିଯୋଗ ହୋଇଥିବା ବେଳେ ପରବର୍ତ୍ତି ସମୟରେ ଛାତ୍ରୀଙ୍କ ପାଇଁ ୩୫ଲକ୍ଷ ଟଙ୍କାର ୭ଶହ ଡୁଏଲ ଡେସ୍କ ଓ ଅନ୍ୟାନ୍ୟ ସାମଗ୍ରୀ କ୍ରୟ କରିବାକୁ ଏକ ନିର୍ଦ୍ଦିଷ୍ଟ ସଂସ୍ଥାକୁ ଅର୍ଡର ଦିଆଯାଇଥିଲେ ହେଁ ଉକ୍ତ ସଂସ୍ଥା ସେସବୁ ଯୋଗାଇବାରେ ବିଳମ୍ବ କରିଛି। ଇତି ମଧ୍ୟରେ ନିର୍ବାଚନ ଆଚରଣବିଧି ଲାଗୁ ହେବା ଓ ଜୁଲାଇ ୩୧ତାରିଖରେ କଲେଜର ପୂର୍ବତନ ଅଧକ୍ଷା କବିତା ଶତପଥିଙ୍କ ଅବସର ଗ୍ରହଣ ଯୋଗୁଁ ମଧ ଅନେକ କାର୍ଯ୍ୟରେ ବାଧା ସୃଷ୍ଟି ହୋଇଥିଲା। ଅଗଷ୍ଟ ପହିଲାରେ ନୂତନ ଅଧକ୍ଷା ଭାବେ ଡଃ ନିବେଦିତା ମହାପାତ୍ର ଦାୟିତ୍ୱ ଗ୍ରହଣ କରିବା ପରେ ନଭେମ୍ବର ୬ଓ ୭ତାରିଖ ଦୁଇଦିନ କଲେଜକୁ ପ୍ରଥମ ଥର ପାଇଁ 'ନାକ୍' ଟିମର ଗସ୍ତ ଥିବାରୁ ଉକ୍ତ କାର୍ଯ୍ୟରେ ସମସ୍ତଙ୍କୁ ବ୍ୟସ୍ତ ରହିବାକୁ ପଡିଥିଲା। ଏଭଳି ବିଭିନ୍ନ ସମସ୍ୟା ଯୋଗୁଁ ବିଶ୍ୱବ୍ୟାଙ୍କର ୫କୋଟିରୁ ଉଦ୍ଧ୍ୱର୍ ଅନୁଦାନରେ ନିର୍ମିତ ନୂତନ କ୍ୟାମ୍ପସକୁ ସ୍ଥାନାନ୍ତର ହେବା ଓ ତାହାକୁ କାର୍ଯ୍ୟକ୍ଷମ କରିବାରେ ବିଳମ୍ବ ହୋଇଛି। ବର୍ତ୍ତମାନ ପୂର୍ବ ଅର୍ଡରକୁ ବାତିଲ କରି ପୁଣି ଥରେ ନୂତନ ସାମଗ୍ରୀ କ୍ରୟ କରିବାକୁ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ଓ ବିଶ୍ୱବ୍ୟାଙ୍କ ଠାରୁ ଅନୁମୋଦନ ନେଇ ଭିତ୍ତିଭୂମିର ବିକାଶ କରାଯିବାକୁ ପଦକ୍ଷେପ ନିଆଯିବ। ଏବଂ କଲେଜର ଦ୍ୱିତୀୟ ତଥା ନୂତନ କ୍ୟାମ୍ପସକୁ ଯେତେଶୀଘ୍ର ହେବ କାର୍ଯ୍ୟକ୍ଷମ କରାଯିବ ବୋଲି ସ୍ପଷ୍ଟ କରିଛନ୍ତି ଅଧକ୍ଷା ଡଃ ନିବେଦିତା ମହାପାତ୍ର।

**ଶେଷ ହୋଇନି ବିଦ୍ୟୁତୀକରଣ, ଛାତ୍ରୀଙ୍କ ପାଠପଢ଼ା ପାଇଁ ନାହିଁ ଆବଶ୍ୟକ ଭିତ୍ତିଭୂମି**

**ଯଥାଶୀଘ୍ର ଭିତ୍ତିଭୂମିର ବିକାଶ ସହିତ ନୂତନ କ୍ୟାମ୍ପସକୁ ଯିବ ଡିଗ୍ରୀ ଓ ପିଜି ଶ୍ରେଣୀ**





## କଲରାପତରିଆର ମୃତ୍ୟୁ



**ଉମରକୋଟ,୧୭।୧୨(ସମିସ):** ଛତିଶଗଡ଼ ରାଜ୍ୟରେ ଦୁଇ ବର୍ଷ ଧରି ଆତଙ୍କ ସୃଷ୍ଟି କରିଆସୁଥିବା କଲରାପତରିଆ ବାଘର ମୃତ୍ୟୁ ହୋଇଛି। ଛତିଶଗଡ଼ର ଗୋରିଆବନ୍ଧ ଜିଲ୍ଲା ବାରୁକା ଗାଁରେ ଗୋଟିଏ ଦିନରେ ଦୁଇ ଜଣଙ୍କୁ ବାଘଟି ଆକ୍ରମଣ କରିଥିଲା। ସକାଳେ ଜଣେ ୩୨ ବର୍ଷ ବୟସ୍କ ଯୁବକ ଏବଂ ତାହାର ୪ ଘଣ୍ଟା ପରେ ଅଢ଼େଇ ବର୍ଷ ଝିଅକୁ ଆକ୍ରମଣ କରି ଗୁରୁତର କରି ଗ୍ରାମ ପାଖରେ ଛକି ରହିଥିଲା। ଗ୍ରାମବାସୀ ଏକ ଜାଲ ସାହାଯ୍ୟରେ ବାଘକୁ ପ୍ରଥମେ ଆୟତ୍ତ କରିଥିଲେ। ପରେ ବନ ବିଭାଗକୁ ହସ୍ତାନ୍ତର କରିଥିଲେ। ବନ ବିଭାଗ ଦଳ ଆହତ ଅବସ୍ଥାରେ ଥିବା ବାଘଟିକୁ ରାୟପୁରର ଜଙ୍ଗଲ ସଫାରିକୁ ସ୍ଥାନାନ୍ତର କରୁଥିବା ବେଳେ ରାସ୍ତାରେ ବାଘର ମୃତ୍ୟୁ ଘଟିଥିଲା। ଏନେଇ ବନ ଅଧିକାରୀ କହିଛନ୍ତି, ବାଘଟିର ଡାହାଣ ଆଗ ଗୋଡ଼ ଓ କିଛି ଦାନ୍ତ ଭାଙ୍ଗିବା କାରଣରୁ ବାଘ ବହୁତ ଯନ୍ତ୍ରଣା ଭୋଗୁଥିଲା। ବାଘଟି ଦୁର୍ବଳ ହୋଇଯାଇଥିଲା। ଯେଉଁଥିପାଇଁ ବାଘଟି ଶିକାର ପାଇଁ ଗାଁ ଆଡ଼କୁ ଯାଇ ଛୋଟ ଶିଶୁଙ୍କୁ ଆକ୍ରମଣ କରୁଥିଲା। ବାଘଟି ଆହତ ହୋଇଥିବାରୁ ଶିକାର କରିବାରେ ଅସମର୍ଥ ହୋଇଥିଲା।

## ମିଶନ ଶକ୍ତି ଭବନ ଗୃହ ନିର୍ମାଣ କାମ ତରବରିଆ

# କାର୍ଯ୍ୟକ୍ଷମ ପୂର୍ବରୁ ଭୁଶୁଡ଼ିବା ଆଶଙ୍କା

**ପାରଳାଖେମୁଣ୍ଡି/ଗୋଷାଣି,୧୭ ।୧୨(ସମିସ)**

ପୂର୍ତ୍ତ ବିଭାଗର ତରବରିଆ କାମ ଯୋଗୁଁ ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଗୋଷାଣି ମିଶନ ଶକ୍ତି ଭବନ ଭାଙ୍ଗିବା ଅବସ୍ଥାରେ ରହିଛି। ନବନିର୍ମିତ କୋଠା ଗୃହର ସମ୍ମୁଖ ଭାଗ ବେଶ୍ ଚାକ ଚିକ୍କଣ ଦେଖାଦେଉଥିବା ବେଳେ ଏହାର ପଛପାଶ୍ୱର୍ କୋଠାଗୁଡ଼ିକ ଫାଟି ଆଁ କରିରହିଛି। ଛାତର ପଲସ୍ତରା ଠାରୁ ଆରମ୍ଭ କରି କୋଠାଗୃହର କେତେକାଂଶ କକ୍ଷ ଭାଙ୍ଗିଯାଇଥିବା ଦେଖାଯାଉଛି। ସେହିଭଳି କୋଠା ଗୃହକୁ ମଜଭୁତ ରଖିବା ପାଇଁ ତୟାର କରାଯାଇଥିବା ସପର୍ଟିଂ ପିଣ୍ଡା ଉପରେ ପାଦ ପକାଇବା ମାତ୍ରେ ପାମ୍ପଡ଼ ଭଳି ଚଡ୍ ଚଡ୍ କରି ଭାଙ୍ଗିଯାଉଛି। ଏସବୁ ଦେଖିଲେ କାର୍ଯ୍ୟାଳୟ କୋଠା କାର୍ଯ୍ୟକ୍ଷମ ପୂର୍ବରୁ ଭାଙ୍ଗିଯିବା ଆଶଙ୍କା ପ୍ରକାଶ ପାଉଛି। ବର୍ଷକ ପୂର୍ବେ ଲକ୍ଷ ଲକ୍ଷ ଟଙ୍କାରେ ଗୃହ ନିର୍ମାଣ ପରେ ପୂର୍ତ୍ତ ବିଭାଗ ମିଶନ୍ ଶକ୍ତି ବିଭାଗକୁ ହସ୍ତାନ୍ତର କରିଥିଲା। କେତେକ




ଆନୁଷଙ୍ଗିକ କାମ ବକେୟା ଥିବା ଯୋଗୁଁ ଏହା ଆଜିଯାଏଁ କାର୍ଯ୍ୟକ୍ଷମ ହୋଇନାହିଁ। କୋଠା ଗୃହ ଉଦଘାଟନ ଫଳକରେ ୨.୪.୨୦୨୨ ତାରିଖ ଉଲ୍ଲେଖ ରହିଛି। ହେଲେ ଏହାର ନିର୍ମାଣ କାମ ପ୍ରାୟ ଏକ ବର୍ଷ ପରେ ସମାପନ ହୋଇ ମିଶନ୍ ଶକ୍ତି ବିଭାଗକୁ ହସ୍ତାନ୍ତର କରାଯାଇଥିବାର ଜଣାପଡ଼ିଛି। ଏନେଇ ଏହି କୋଠାଗୃହର ଦାୟିତ୍ୱରେ ଥିବା ପୂର୍ତ୍ତବିଭାଗ ଯନ୍ତ୍ରୀଙ୍କୁ ଫୋନ୍ କଲେ ସେ ଉଠାଉ ନ ଥିବା ବେଳେ ପାରଳାଖେମୁଣ୍ଡି ସ୍ଥିତ କାର୍ଯ୍ୟାଳୟକୁ ଗଲେ ସେ ଅନୁପସ୍ଥିତ ଥିବା ଦେଖାଯାଉଛି। ଏପରି କି ବହୁ କାର୍ଯ୍ୟାଳୟରେ ତାଲା ଝୁଲୁଥିବାର ଦୃଶ୍ୟ ମଧ୍ୟ ସାମନାକୁ ଆସୁଛି।

ପ୍ରକାଶ ଯେ କୋଠାର ନିର୍ମାଣ ପାଇଁ ତତ୍କାଳିନୀ ସରକାରଙ୍କ ଅମଳରେ ୫୦ ଲକ୍ଷଟଙ୍କା ଅନୁଦାନ ବ୍ୟୟ ଅଟକଳ ହୋଇଥିଲା। ହେଲେ ଏହା କେତେ ଟଙ୍କା ବ୍ୟୟବରାଦ ହୋଇଛି, କେତେ ଟଙ୍କା ମୂଲ୍ୟରେ ଟେଣ୍ଡର୍ ଡକାଯାଇଛି ସେ ସମ୍ପର୍କରେ କୌଣସି ତଥ୍ୟ ପ୍ରଦାନ କରୁନି ପୂର୍ତ୍ତ ବିଭାଗ। ଅନ୍ୟ ଏକ ସୂତ୍ରରୁ ଜଣାପଡ଼ିଛି ଯେ, ଏକ ପୁରୁଣା କୋଠାଗୃହ ଉପରେ ଏହି ଗୃହ ନିର୍ମାଣ କରାଯାଇଛି। ତେଣୁ ସିମେଣ୍ଟ ଛାଡିଯିବା ସହ କୋଠାଗୃହର କକ୍ଷ ଗୁଡିକ ଫାଟି ଆଁ କରିଥିବାର ଆଲୋଚନା ହେଉଛି।

### ଇନ୍ଦ୍ରାବତୀ ଜଳଭଣ୍ଡାରରେ ବୁଡ଼ିଲା ଡ଼ଙ୍ଗା

# ମାମୁ ନିଖୋଜ, ଅଳ୍ପକେ ବର୍ତ୍ତିଲେ ଭଣଜା

**ତେନ୍ତୁଲିଖୁଣ୍ଟି,୧୭।୧୨(ସମିସ):** ନବରଙ୍ଗପୁର ଜିଲ୍ଲା ତେନ୍ତୁଲିଖୁଣ୍ଟି ବ୍ଲକ ଇନ୍ଦ୍ରାବତୀ ଜଳଭଣ୍ଡାରରେ ସୋମବାର ଏକ ଦେଶୀ ଡ଼ଙ୍ଗା ବୁଡ଼ି ମାମୁ ନିଖୋଜ ହୋଇଥିବା ବେଳେ



ଭଣଜା ଅଳ୍ପକେ ବର୍ତ୍ତିଯାଇଛନ୍ତି। ନିଖୋଜ ଜଣକ ହେଲେ ତଲଙ୍ଗ ଗ୍ରାମର ଗଙ୍ଗାଧର କମାର। ସୂଚନାନୁଯାୟୀ, ସୋମବାର ନିଜ ବାର୍ଦ୍ଧକ୍ୟ ଭତ୍ତା ଓ ଚାଉଳ ପାଇଁ ଇନ୍ଦ୍ରାବତୀ ଆସିଥିଲେ ତଲଙ୍ଗ ଗ୍ରାମର ଗଙ୍ଗାଧର କମାର ଏବଂ ତାଙ୍କ ଭଣଜା ଲକ୍ଷ୍ମଣ କମାର। ଉଭୟ ଇନ୍ଦ୍ରାବତୀ ଜଳ ଭଣ୍ଡାର ଦେଇ ଏକ ଦେଶୀ ଡଙ୍ଗାରେ ଇନ୍ଦ୍ରାବତୀ ଆସି ଭତ୍ତା ଟଙ୍କା ପାଇବା ପରେ ଉଭୟ ଉକ୍ତ ଦେଶୀ ଡଙ୍ଗାରେ ଘରକୁ ଫେରୁଥିଲେ। ହଠାତ ପାଣିରେ ଲହଡି ଆସିବାରୁ ଡଙ୍ଗା ମଧ୍ୟକୁ ପାଣି ପଶିଯାଇଥିଲା। ଫଳରେ ଡଙ୍ଗାଟି ବୁଡିଯାଇଥିଲା। ଗଙ୍ଗାଧର ଡଙ୍ଗାରୁ ଖସିପଡିଥିଲେ। ଭଣଜା ଲକ୍ଷ୍ମଣ କମାର ଗଙ୍ଗାଧରଙ୍କୁ ବଞ୍ଚାଇବାକୁ ଯାଇ ବିଫଳ ହୋଇଥିଲେ। ଶେଷରେ ବୁଡ଼ି ଯାଉଥିବା ଡ଼ଙ୍ଗାକୁ ସାହାରା କରି ଲକ୍ଷ୍ମଣ କୂଳରେ ପହଞ୍ଚିଥିଲେ।

ଖବର ପ୍ରଘଟ ହେବା ପରେ ପୂଜାରୀଗୁଡ଼ା ଅଗ୍ନିଶମ ବାହିନୀ ପହଞ୍ଚି ମଙ୍ଗଳବାର ଖୋଜଖୋଜି ଜାରୀ ରଖିଥିଲେ ମଧ୍ୟ ସନ୍ଧ୍ୟାସୁଦ୍ଧା ଗଙ୍ଗାଧରଙ୍କ କୌଣସି ସନ୍ଧାନ ମିଳିପାରିନଥିଲା। ଅନ୍ୟପକ୍ଷରେ ଖାତିଗୁଡ଼ା ଥାନା ଅଧିକାରୀ ହରିଶ୍ଚନ୍ଦ୍ର ଗୋଲାରୀଙ୍କ ନିର୍ଦ୍ଦେଶ କ୍ରମେ ଏସଆଇ ମହେଶ୍ୱର ଗୁଡୁବାଡେ ପହଞ୍ଚି ତଦନ୍ତ ଜାରୀରଖିଛନ୍ତି। ତେବେ ଇନ୍ଦ୍ରାବତୀ ଜଳଭଣ୍ଡାର କେନ୍ଦୁଗୁଡ଼ାଠାରେ ଏକ ପୋଲ ନିର୍ମାଣ ପାଇଁ

**ବାର୍ଦ୍ଧକ୍ୟ ଭତ୍ତା ଓ ଚାଉଳ ପାଇଁ ଦେଶୀ ଡଙ୍ଗାରେ ଯାଇ ବୁଡ଼ିଗଲେ**

ପ୍ରସ୍ତାବ ଥିଲେ ମଧ୍ୟ ତାହା ହୋଇନପାରିବା କାରଣରୁ ବିଚ୍ଛିନ୍ନାଞ୍ଚଳବାସୀ ବାଧ୍ୟ ହୋଇ ଦେଶୀ ଡଙ୍ଗାକୁ ଭରସା କରୁଛନ୍ତି। ଫଳରେ ବିଭିନ୍ନ ସମୟରେ ଦୁର୍ଘଟଣା ଘଟି ବୋହୁ ମୁଲ୍ୟବାନ ଜୀବନ ଜଳଭଣ୍ଡାର ମଧ୍ୟରେ ଲୀନ ହେଉଛି। ସରକାର ଏଥିପ୍ରତି ବିଶେଷ ଦୃଷ୍ଟି ଦେଲେ ବିଛିନାଞ୍ଚଳବାସୀ ବିଶେଷ ଉପକୃତ ହେବା ସହ ନବରଙ୍ଗପୁର ଏବଂ ରାୟଗଡ଼ା ଯୋଗାଯୋଗ ସରଳ ହୋଇପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ବିଚ୍ଛିନ୍ନାଞ୍ଚଳବାସୀଙ୍କୁ ବିପଦମୁକ୍ତ ଯାତାୟାତ ବ୍ୟବସ୍ଥା କରି ମୁଲ୍ୟବାନ ଜୀବନ ହାନି ରୋକିବାକୁ ଦାବି ହୋଇଛି।

# ବ୍ରହ୍ମପୁରରେ 'ପରବ୍' ପ୍ରଚାର




**ବ୍ରହ୍ମପୁର,୧୭ ।୧୨(ସମିସ):** ଓଡିଶାର ବିଭିନ୍ନ ମୌଳିକ କାହାଣୀକୁ ନେଇ ଓଡ଼ିଆ ସିନେମା ନିର୍ମାଣ ହେବା ପରେ ଏବେ ପ୍ରେକ୍ଷାଳୟ ମୁହାଁ ହେଲେଣି ଦର୍ଶକ। ଦମନ ଚଳଚ୍ଚିତ୍ରର ଅପୂର୍ବ ସଫଳତା ପରେ ଆହୁରି ପାଦେ ଆଗକୁ ଯିବାକୁ ପଛେଇ ନାହାଁନ୍ତି ପ୍ରଯୋଜକ।

ଯୁବ ପ୍ରଯୋଜକ ଦିପେନ୍ଦ୍ର ସାମଲଙ୍କର ଦ୍ୱିତୀୟ ଅବଦାନ "ପରବ୍' ଆସନ୍ତା ୨୦ତାରିଖରେ ଓଡିଶା ଓ ବାହାରେ ତିନୋଟି ଭାଷାରେ ମୁକ୍ତିଲାଭ କରିବ। ତେଣୁ ପରବ୍ ଟିମ୍ ରେଶମ ସହର ବ୍ରହ୍ମପୁରରେ ପହଞ୍ଚି ବିଭିନ୍ନ କଲେଜଗୁଡ଼ିକରେ ଜୋରସୋର ପ୍ରଚାର କରୁଛନ୍ତି। ଦିଗପହଣ୍ଡି ବିଧାୟକ ତଥା ସୁପରଷ୍ଟାର ଅଭିନେତା ସିଦ୍ଧାନ୍ତ ମହାପାତ୍ର, ଦୀପନ୍ୱିତ ଦାସ ମହାପାତ୍ର,

**ଡିସେମ୍ବର ୨୦ରେ ମୁକ୍ତିଲାଭ କରିବ**

ଅଭିନେତ୍ରୀ ସୂର୍ଯ୍ୟମୟୀ ମହାପାତ୍ର, ମଧୁସୂଦନ ମିଶ୍ର ଏବଂ ଟିମ୍ ବ୍ରହ୍ମପୁର ସହରରେ ପହଞ୍ଚି ପ୍ରଥମେ ନାଳନ୍ଦା ବୈଷୟିକ ମହାବିଦ୍ୟାଳୟରେ ପରବର ପ୍ରଚାର କରିଥିଲେ। ଅଭିନେତା, ଅଭିନେତ୍ରୀ ପରବର କାହାଣୀ ସମ୍ପର୍କରେ ସୂଚନା ଦେଇଥିଲେ। ମୁକ୍ତିଲାଭ ପରେ ଚଳଚ୍ଚିତ୍ର ଦେଖିବା ପାଇଁ କହିଥିଲେ। କଲେଜ ଅଧ୍ୟକ୍ଷ ମନୋଜ କୁମାର ଦାସ, କାଳୀ ଚରଣ ସାହୁ ପ୍ରମୁଖ ଚଳଚ୍ଚିତ୍ର ପରବର ପ୍ରଚାର ପାଇଁ ସମସ୍ତ ସହଯୋଗ କରିଥିଲେ। ତେବେ ପରବ୍‌ର କାହାଣୀ ଏପରି ଯାହା ଓଡିଶା ତଥା ଓଡିଶା ବାହାରେ ନିହାତି ସୁପରହିଟ ହେବ ଏଥିରେ ସନ୍ଦେହ ନାହିଁ ବୋଲି ପ୍ରଚାର ଓ ପ୍ରସାର ମୁଖ୍ୟ ମିଡ଼ିଆ ପ୍ଲାନର ପ୍ରଣୟ ଜେଠୀ ମତ ଦେଇଛନ୍ତି।

● କେରାଣ୍ଡି ନଦୀରେ ଯୁବକ ନିଖୋଜ ଘଟଣା

## ଦୁଇଦିନ ପରେ ବି ମିଳୁନି ପତ୍ତା, ଓଡ୍ରାଫ ଟିମ୍‌ର ଅନୁସନ୍ଧାନ ଜାରି

**ସୁନାବେଡ଼ା,୧୭।୧୨(ସମିସ):** ସୁନାବେଡ଼ା ୨୬ ନଂ ଜାତୀୟ ରାଜପଥ ଟିମ୍ବର ନିକଟସ୍ଥ କେରାଣ୍ଡି ନଦୀରେ ସୋମବାର ନିଖେଜ ହୋଇଥିବା ଯୁବକଙ୍କ ସନ୍ଧାନ ଦୁଇଦିନ ପରେ ବି ମିଳିପାରି ନାହିଁ। ସୋମବାରଠାରୁ ଅଗ୍ନିଶମ ବିଭାଗର କର୍ମଚାରୀ ଓ ଓଡ୍ରାଫ୍ ଦଳ ନଦୀରେ ଖୋଜା ଖୋଜି ଜାରି ରଖିଛନ୍ତି। ମଙ୍ଗଳବାର ସନ୍ଧ୍ୟା ସୁଦ୍ଧା ସମ୍ପୃକ୍ତ ଯୁବକଙ୍କ କୌଣସି ପତ୍ତା ମିଳିନଥିବା ସୂଚନା ମିଳିଛି। ସୂଚନାଯୋଗ୍ୟ, ସୁନାବେଡ଼ା ଏରୋନଟିକ୍ସ କଲେଜରେ ପଢୁଥିବା ପାପନା ଖିଲ ନାମକ ଯୁବକଙ୍କ ମଟରସାଇକେଲ ଓ ପୋଷାକ କେରାଣ୍ଡି ନଦୀର ବ୍ରିଜ ଉପରୁ ମିଳିଥିଲା। ସେ ନଦୀକୁ ଡେଇଁ ଆତ୍ମହତ୍ୟା କରିଥିବା ସନ୍ଦେହ ପ୍ରକାଶ ପାଇଥିଲା। ପରେ ଅଗ୍ନିଶମ ବିଭାଗ ଓ ଓଡ୍ରାଫ ଟିମ ପହଞ୍ଚି ସୋମବାରଠାରୁ ନଦୀରେ ଅନୁସନ୍ଧାନ ଜାରି ରଖିଛନ୍ତି।

## ମୁମ୍ବଇ ଚାଲାଣ ବେଳେ ଧରାପଡ଼ିଲା ଗଞ୍ଜେଇ ବୋଝେଇ କଣ୍ଟେନର୍

# ୨୬୦ କେଜି ଗଞ୍ଜେଇ ଜବତ; ଜଣେ ଗିରଫ



**ଖଲ୍ଲିକୋଟ, ୧୭।୧୨(ସମିସ):** ଖଲ୍ଲିକୋଟ ଅଞ୍ଚଳରୁ ମୁମ୍ବଇ ଚାଲାଣ ହେଉଥିବା ବେଳେ ଚଢ଼ଉ କରି ୨୬୦ କିଲୋଗ୍ରାମ ଗଞ୍ଜେଇ ଭର୍ତ୍ତି କଣ୍ଟେନର୍ ଜବତ କରିଛି ଅବକାରୀ ଗୁଇନ୍ଦା ବିଭାଗ। ଏହି ଘଟଣାରେ ବିଭାଗ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଉଛି ମହାରାଷ୍ଟ୍ର ଥାଣେ ଅଞ୍ଚଳର ଧଣ୍ଡୁରାମ ଗାଇକୱାଡ। ସନ୍ଧ୍ୟାରେ ଖଲ୍ଲିକୋଟ କୋର୍ଟରେ କଣ୍ଟେନର ଓ ଗଞ୍ଜେଇ ସହ ଗିରଫ ଅଭିଯୁକ୍ତକୁ ଅବକାରୀ ଗୁଇନ୍ଦା ବିଭାଗ ହାଜର କରିଛି। ଏହି ଘଟଣାରେ ଆଉ ଗୋଟିଏ ବାଇକ ଜବତ ହୋଇଥିବା ଜଣାପଡ଼ିଛି। ଖବର ନେବାରୁ ଜଣାପଡ଼ିଛି ଯେ, ମଙ୍ଗଳବାର ଦିନ ୧୧ ଟା ବେଳେ ଖଲ୍ଲିକୋଟ ଅଞ୍ଚଳରୁ ଏକ କଣ୍ଟେନର ନମ୍ବର ଏମ ଏଚ ୪୬ ଏଏଫ ୯୫୬୮ ଯୋଗେ ଗଞ୍ଜେଇ ଚୋରା ଚାଲାଣ ହେଉଥିବା ଖବର ପାଇ ବ୍ରହ୍ମପୁର ଅବକାରୀ ଗୁଇନ୍ଦା ବିଭାଗ ଡ଼ିଏସପି ଶ୍ରୁତିକାନ୍ତ ରାଉତଙ୍କ ନିର୍ଦ୍ଦେଶକ୍ରମେ ସବ୍‌ଇନ୍ସପେକ୍ଟର ଅଜିତ କୁମାର ନାୟକଙ୍କ ନେତୃତ୍ୱରେ ଅବକାରୀ ଟିମ ଡାଳଖାଇ ମନ୍ଦିର ନିକଟରେ ଚଢ଼ଉ କରିଥିଲେ। କଣ୍ଟେନର ଭିତରେ ଫଳ ଯାଉଥିବା ଟ୍ରେଗୁଡିକ ରହିଥିବା ବେଳେ ସିକ୍ରେଟ ଚାମ୍ବରରେ ଗଞ୍ଜେଇ ଭର୍ତ୍ତି ବସ୍ତାଗୁଡ଼ିକ ରହିଥିବା ଜଣାପଡ଼ିଥିଲା। ତେବେ ୧୬ ନମ୍ବର ଜାତୀୟ ରାଜପଥର ଅନତି ଦୂରରେ ଖଲ୍ଲିକୋଟ ଅବକାରୀ ଆଦର୍ଶ ଥାନା ରହିଥିଲେ ମଧ୍ୟ ଏତେ ପରିମାଣର ଗଞ୍ଜେଇ ଚାଲାଣ ସମ୍ପର୍କରେ ସେମାନଙ୍କ ନିକଟରେ କିଭଳି କୌଣସି ଖବର ନ ଥିଲା ତାକୁ ନେଇ ଉଠିଛି ପ୍ରଶ୍ନ।

## ସିୟୁଟିଏମ୍ ଏନ୍ଏସ୍ଏସ୍ ୟୁନିଟ୍ ପକ୍ଷରୁ ରକ୍ତଦାନ ଶିବିର



**ପାରଳାଖେମୁଣ୍ଡି,୧୭ ।୧୨(ସମିସ):** ସେଞ୍ଚୁରିଅନ୍ ୟୁନିଭର୍ସିଟି ଅଫ ଟେକ୍ନୋଲଜି ଆଣ୍ଡ ମ୍ୟାନେଜମେଣ୍ଟ ପାରଳାଖେମୁଣ୍ଡି କ୍ୟାମ୍ପସର ଏନ୍ଏସ୍ଏସ୍ ୟୁନିଟ୍ ପକ୍ଷରୁ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ଶିବିରକୁ ଜିଲ୍ଲାପାଳ ବିଜୟ କୁମାର ଦାଶ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରାଜେନ୍ଦ୍ର ମିଞ୍ଜ, ଡେପୁଟି କଲେକ୍ଟର କମଳ କାନ୍ତ ପଣ୍ଡା, ସିୟୁଟିଏମ୍ ର ଉପକୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ, ପ୍ରଫେସର ଅନିତା ପାତ୍ର, ନିର୍ଦ୍ଦେଶକ ପ୍ରଫେସର ଦୁର୍ଗା ପ୍ରସାଦ ପାଢୀ ଓ ଡିନ୍ ପ୍ରଶାସନ ପ୍ରଫେସର ଏସ୍.ପି. ନନ୍ଦ ଯୋଗ ଦେଇଥିଲେ। ରକ୍ତ ସଂଗୃହୀତ ନିମନ୍ତେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରକ୍ତ ଭଣ୍ଡାରର ଡା. ସବାନା ପର୍ବିନ୍‌ଙ୍କ ନେତୃତ୍ୱରେ ଏକ ଟିମ୍ ଯୋଗ ଦେଇଥିଲେ । ଅତିଥି ମାନେ ରକ୍ତଦାନର ଗୁରୁତ୍ୱ ଓ ଏହା ପ୍ରାଣ ବଞ୍ଚାଇବାରେ କିପରି ସହାୟକ ହୁଏ, ଯୁବବର୍ଗ କିପରି ପବିତ୍ର କାର୍ଯ୍ୟରେ ଅଂଶଗ୍ରହଣ କରିପାରିବେ ତାହା ଆଲୋଚନା କରିଥିଲେ। ଉପକୁଳପତି ପ୍ରଫେସର ସୁପ୍ରିୟା ପଟ୍ଟନାୟକ ଛାତ୍ରଛାତ୍ରୀ ଓ ଅଧ୍ୟାପକମାନଙ୍କ ଉତ୍ସାହ ଓ ସମର୍ପଣକୁ ଅଭିନନ୍ଦନ ଜଣାଇଥିଲେ। ଶିବିରରେ ୬୦ରୁ ଅଧିକ ରକ୍ତ ୟୁନିଟ୍ ସଂଗ୍ରହ ହୋଇଥିବା ବେଳେ ରକ୍ତଦାତାଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଶିବିରରେ ଇଣ୍ଡିଆନ୍ ରେଡ୍‌କ୍ରସ୍ ସୋସାଇଟି, ଗଜପତି ଜିଲ୍ଲା ଶାଖାର ସହଯୋଗ କରିଥିବା ବେଳେ ସିୟୁଟିଏମ୍‌ର ପ୍ରଶାସନିକ ନିର୍ଦ୍ଦେଶକ ଡ.ଦୁର୍ଗା ପ୍ରସାଦ ପାଢି, ଡିନ୍ (ଛାତ୍ର କଲ୍ୟାଣ) ଡ. ରିତେଶ କୁମାର, ସିୟୁଟିଏମ୍ ଏନ୍ଏସ୍ଏସ୍ ପ୍ରୋଗ୍ରାମ କୋର୍ଡିନେଟର ଡ. ନିହାଲ ଆର୍., ଚିଫ୍ ହୋଷ୍ଟେଲ୍ ୱାର୍ଡନର ଜଗନ୍ନାଥ ପଣ୍ଡା ସହଯୋଗ କରିଥିଲେ।

# କୃଷି ବିଜ୍ଞାନ କେନ୍ଦ୍ରର ଉପଦେଷ୍ଟା ମଣ୍ଡଳୀ ବୈଠକ

**ବ୍ରହ୍ମପୁର,୧୭ ।୧୨(ସମିସ)**

କୃଷି ବିଜ୍ଞାନ କେନ୍ଦ୍ର, ଗଞ୍ଜାମ-୨ର ଚତୁର୍ଦ୍ଦଶ ଉପଦେଷ୍ଟା ମଣ୍ଡଳୀ ବୈଠକ ମଙ୍ଗଳବାର ଗୋଳନ୍ଥରା ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରରେ ଅନୁଷ୍ଠିତ ହୋଇଯାଇଛି। ଶିକ୍ଷା ସଂପ୍ରସାରଣ ନିର୍ଦ୍ଦେଶାଳୟ(ଓୟୁଏଟି)ର ସଂପ୍ରସାରଣ ଡିନ ପ୍ରାଧ୍ୟାପକ ପ୍ରସନ୍ନଜିତ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ତଥା ମୁଖ୍ୟ ଡ. ସୁଜିତ୍ କୁମାର ନାଥ କେନ୍ଦ୍ରର ବର୍ଷ ସମ୍ପୂର୍ଣ୍ଣ ହୋଇଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଆସନ୍ତା ବର୍ଷର ଖସଡା ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଏହି ବୈଠକକୁ ସଂପ୍ରସାରଣ ଯୁଗ୍ମ-ନିର୍ଦ୍ଦେଶକ ଡ.ପ୍ରଶାନ୍ତ କୁମାର ମହାନ୍ତି ପରିଚାଳନା କରିଥିଲେ। କୋଲକାତା ଅଟାରୀର ମୁଖ୍ୟ ବୈଜ୍ଞାନିକ ଡ. ଅଭିଜିତ ହାଲଦାର ଓ ଚେସ୍ ଭୁବନେଶ୍ୱରର ଡ. ଶ୍ରୀନିବାସନ ଆଭାସି ମାଧ୍ୟମରେ ବୈଠକରେ ଯୋଗଦେଇ ବିଭିନ୍ନ ପରାମର୍ଶ ଦେଇଥିଲେ। ଅନ୍ୟାନ୍ୟ ଅତିଥିମାନଙ୍କ ମଧ୍ୟରେ ମତ୍ସ୍ୟ ବିଜ୍ଞାନ ମହାବିଦ୍ୟାଳୟର




ଡିନ୍ ପ୍ରଫେସର ସନ୍ତୋଷ ଉଦଗାତା, ଓୟୁଏଟି ପୁଷ୍ଟି ଶସ୍ୟ ଗବେଷଣା କେନ୍ଦ୍ରର ମୁଖ୍ୟ ପବିତ୍ର ମୋହନ ମହାପାତ୍ର, ଆଞ୍ଚଳିକ ଗବେଷଣା କେନ୍ଦ୍ର ଫୁଲବାଣୀର ବରିଷ୍ଠ ବୈଜ୍ଞାନିକ ଡ. ଦେବେନ୍ଦ୍ର କୁମାର ଦେବତା ପ୍ରମୁଖ ଯୋଗଦେଇ କେନ୍ଦ୍ରର କାର୍ଯ୍ୟାବଳୀ ଉପରେ ମତ ରଖିଥିଲେ।

ରଙ୍ଗେଇଲୁଣ୍ଡା ବ୍ଲକର ଅଗ୍ରଣୀ ଯୁବ ଚାଷୀ ହେମାନନ୍ଦ ଦାସ, ଚିକିଟି ବ୍ଲକର ପିଣ୍ଟୁ ପ୍ରଧାନ, ଜି. ଛାୟା, କୁକୁଡ଼ାଖଣ୍ଡି ବ୍ଲକର ମାନସ ଜେନା, ହିଞ୍ଜିଳି ବ୍ଲକର କାଲୁ ଦଳାଇ, ଝୁମର ଦଳାଇ ଆଲୋଚନାରେ ଅଂଶଗ୍ରହଣ କରି ଚାଷୀମାନଙ୍କ ସମସ୍ୟା ଉପରେ ମତ ରଖିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ରବି ନାରାୟଣ ପଣ୍ଡା, ଜଳ ଛାୟା ପ୍ରକଳ୍ପର ନିର୍ଦ୍ଦେଶକ ପ୍ରଦୀପ କୁମାର ପଟ୍ଟନାୟକ, ଜିଲ୍ଲା ମତ୍ସ୍ୟ ଅଧିକାରୀ ନିମାଇଁ ଚରଣ ବସ୍ତିଆ, ଉଦ୍ୟାନ ସହକାରୀ ନିର୍ଦ୍ଦେଶକ ସୁବାସ ଚନ୍ଦ୍ର ପଣ୍ଡା, ପ୍ରାଣୀ ଚିକିତ୍ସା ଅଧିକାରୀ ପ୍ରସନ୍ନ କୁମାର ଦାସ, ନାବାର୍ଡ ଅଧିକାରୀ ସଞ୍ଜୀବ ମିଶ୍ର, ଆକାଶବାଣୀ ବ୍ରହ୍ମପୁରର ଅମିତା ଦାସ, କୃଷି ବିଜ୍ଞାନ କେନ୍ଦ୍ର ଭଞ୍ଜନଗର ଓ ଗଜପତିର ବରିଷ୍ଠ ବୈଜ୍ଞାନିକ ଡ. ସୁତନୁ ଶତପଥୀ ଓ ଡ. ସଂଗ୍ରାମ ପରମଗୁରୁ, ଜିଲ୍ଲା ଶିଳ୍ପ କେନ୍ଦ୍ରର ମ୍ୟାନେଜର ହୃଷୀକେଶ ବେହେରା, ଭିଉଜ୍ ଏନ୍ ଜିଓର କର୍ମକର୍ତ୍ତା ଓ ଉଜ୍ଜଳେଶ୍ୱର କୃଷକ ଉତ୍ପାଦକ ସଂଘର ଆଶିଷ କୁମାର ପ୍ରଧାନ, ଇଫ୍କୋର ସୌଭାଗ୍ୟ ପ୍ରଧାନ ପ୍ରମୁଖ ଯୋଗଦେଇ ଚାଷୀ ଓ ଚାଷର ଉନ୍ନତି ପାଇଁ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ଡ. ଦେବାଶିଷ ଷଡ଼ଙ୍ଗୀ, ସନ୍ଦୀପ ମାହାନ୍ତି, ଡ. ସିଦ୍ଧାର୍ଥ ଶଙ୍କର ଦାସ, ସସ୍ମିତା ପ୍ରିୟଦର୍ଶିନୀ, ରବି ନାରାୟଣ ମିଶ୍ର ନିଜ ନିଜ ବିଭାଗର କାର୍ଯ୍ୟାବଳୀ ଓ କାର୍ଯ୍ୟ ଖସଡା ଉପରେ ଆଲୋଚନା କରିଥିଲେ। ଏ ଅବସରରେ କେନ୍ଦ୍ର ତରଫରୁ ନୂତନ କରି ବିକାଶ କରାଯାଇଥିବା ମୋବାଇଲ ଆପ କ୍ଷାର ପାଣିରେ କଙ୍କଡା ଚାଷ, କୃଷି ପତ୍ରିକା କିଆ ଫୁଲ ଏବଂ ବହି ଆମ୍ବ ଚାଷ ଚାଷୀମାନଙ୍କ ଉଦ୍ଦେଶ୍ୟରେ ଉନ୍ମୋଚିତ ହୋଇଥିଲା।

ପରିଶେଷରେ ଉପସ୍ଥିତ ସଦସ୍ୟ ଗଣ କେନ୍ଦ୍ରର ବିଭିନ୍ନ ପ୍ରଦର୍ଶନୀ କ୍ଷେତ୍ର ମାନ ବୁଲି ଦେଖିବା ସହିତ, ନୂତନ ରଙ୍ଗୀନ ମାଛ ପ୍ରଦର୍ଶନ କ୍ଷେତ୍ର ଏବଂ ବୁନ୍ଦା ଜଳସେଚନ ପଦ୍ଧତି କ୍ଷେତ୍ର ଉଦଘାଟନ କରିଥିଲେ।

## ଦୋଷୀକୁ ଆଜୀବନ କାରାଦଣ୍ଡ, ୨ ନିର୍ଦ୍ଦୋଷରେ ଖଲାସ

**ଉମରକୋଟ,୧୭।୧୨(ସମିସ):** ବହୁ ଚର୍ଚ୍ଚିତ ନବରଙ୍ଗପୁର ଜିଲ୍ଲା ଉମରକୋଟ ଥାନା ଅର୍ନ୍ତଗତ ଇନ୍ଦ୍ରପୁରୀ ବଙ୍ଗୀୟ ଗ୍ରାମଠାରେ ଘଟିଥିବା ଲୋମଟାଙ୍କୁରା ହତ୍ୟା ଘଟଣାର ରାୟ ପ୍ରକାଶ ପାଇଛି। ଏହି ମାମଲାରେ ଉମରକୋଟ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଗିରିଜା ପ୍ରସାଦ ମହାପାତ୍ର ୨୩ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ମୁଖ୍ୟଅଭିଯୁକ୍ତ ଭୋଳାନାଥ ମଣ୍ଡଳକୁ ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏଥିସହ ଆର୍ଥିକ ଦଣ୍ଡାଦେଶ ମଧ୍ୟ ଦେଇଛନ୍ତି। ଏହି ଘଟଣାରେ ସମ୍ପୃକ୍ତ ଅନ୍ୟ ୨ ଅଭିଯୁକ୍ତଙ୍କୁ ପ୍ରମାଣ ଅଭାବରୁ ନିର୍ଦ୍ଦୋଷରେ ଖଲାସ କରିଛନ୍ତି। ସରକାରଙ୍କ ତରଫରୁ ସରକାରୀ ଓକିଲ ଝାଡ଼େଶ୍ୱର ମହାନ୍ତି ମକଦ୍ଦମା ପରିଚାଳନା କରୁଥିଲେ।

## ଅସହ୍ୟ ଜାଡ଼ରେ ଜନଜୀବନ ଅସ୍ତବ୍ୟସ୍ତ



**ଧରାକୋଟ,୧୭ ।୧୨(ସମିସ):** ଧରାକୋଟ ଅଞ୍ଚଳରେ ପାରଦ ନିମ୍ନଗାମୀ ହେବା ଫଳରେ ଦିନକୁ ଦିନ ଥଣ୍ଡାର ମାତ୍ରା ବଢ଼ିବାରେ ଲାଗିଛି । ସନ୍ଧ୍ୟା ସମୟରେ ଜାଡ ଆରମ୍ଭ ହେବା ଯୋଗୁଁ ଦୋକାନ ବଜାର ବନ୍ଦ ହୋଇଯାଉଥିବା ବେଳେ ପ୍ରଭାତରୁ ଘନ କୁହୁଡି ଯୋଗୁଁ ରାସ୍ତା ଘାଟ ସୁନ ସାନ ହୋଇଯାଉଛି । ଲୋକେ ସକାଳୁ ବଜାର, ମେଡିକାଲ ସାମ୍ନା, ନେଳିଆ ପୋଖରୀ ହିଡ଼, ଧରାକୋଟ ବ୍ରିଜ ଛକ, ରଥପଦା ଓ ଚାନ୍ଦିନୀ ତଳ ଆଗରେ ନିଆଁ ଲଗାଇ ଭିଡ ଜମାଉଛନ୍ତି । ଅନ୍ୟ ପଟରେ ଚାଷୀ ମାନେ ଶ୍ରମିକଙ୍କୁ ନେଇ ଥଣ୍ଡାକୁ ନଡ଼ରି ଅମଳ ଧାନ ବୋହିବା ଓ ମଳିବାରେ ଲାଗି ପଡ଼ୁଛନ୍ତି । ସେହିପରି ଛାତ୍ରଛାତ୍ରୀ ମାନେ ଘରୋଇ ଟିଉସନରେ ପାଠ ପଢିବା ପାଇଁ ପ୍ରବଳ ଜାଡରେ ଯାଉଥିବା ବେଳେ ପୁରୁଷ ଓ ମହିଳା ମାନେ ସକାଳୁ ଚାଲିବା ପାଇଁ ଧାଡି ଧାଡି ହୋଇ ଯାଉଥିବା ଦେଖାଯାଉଛି । ସର୍ବୋପରି ଧରାକୋଟ ଓ ଏହାର ଆଖ ପାଖ ଅଞ୍ଚଳରେ ଜନଜୀବନ ଏକ ରକମ ଅସ୍ତବ୍ୟସ୍ତ ହୋଇପଡିଥିଲେ ମଧ୍ୟ ଲୋକେ ଜାଡ଼କୁ ନ ଡରି ନିଜ ନିଜର ନିତିଦିନିଆ କାମରେ ବ୍ୟସ୍ତ ରହୁଛନ୍ତି ।

## ଚାଷୀଙ୍କୁ ମାଗଣାରେ ମୁଗ ବିହନ ବଣ୍ଟନ

**ଭଞ୍ଜନଗର,୧୭ ।୧୨(ସମିସ):** ଭଞ୍ଜନଗର ବ୍ଲକ କୃଷି କାର୍ଯ୍ୟାଳୟରେ କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ମାଗଣା ମୁଗ ବିହନ ପ୍ରଦାନ କରାଯାଇଛି । ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ଯୋଗଦେଇ ଚାଷୀ ମାନଙ୍କୁ ମାଗଣା ବିହନ ପ୍ରଦାନ କରିଛନ୍ତି । ଭଞ୍ଜନଗର ବ୍ଲକକୁ ଏକ କୃଷି ବହୁଳ ଅଞ୍ଚଳ ଭାବେ ଗଢିବା ସହ ଅଞ୍ଚଳର ଜଳସେଚନ ସମସ୍ୟାକୁ ଦୂର କରିବା ଦିଗରେ ବିଭିନ୍ନ ପଦକ୍ଷେପ ହାତକୁ ନିଆଯିବ ବୋଲି ବିଧାୟକ ଶ୍ରୀ ନାୟକ କହିଛନ୍ତି । ସିଆରଏଫଏମ ଯୋଜନାରେ ଚଳିତବର୍ଷ ଭଞ୍ଜନଗର ବ୍ଲକର ବିଭିନ୍ନ ପଞ୍ଚାୟତ ରେ ପ୍ରାୟ ୫୦୦ ହେକ୍ଟର ଜମିରେ ମୁଗ ଚାଷ କରାଯିବ । ଏଥିପାଇଁ କୃଷି ବିଭାଗ ପକ୍ଷରୁ ଚାଷୀ ଚିହ୍ନଟ କରାଯାଇ ମାଗଣାରେ ଉନ୍ନତ ମାନର ମୁଗ ବିହନ ପ୍ରଦାନ କରାଯାଇଛି । ବିହନ ବଣ୍ଟନ ସମୟରେ ଭଞ୍ଜନଗର ବ୍ଲକ କୃଷି ଅଧିକାରୀ ସଂଗ୍ରାମ କୁମାର ସେନାପତି, ସହକାରୀ କୃଷି ଅଧିକାରୀ ଦିବ୍ୟରଞ୍ଜନ ମାଝୀ, କୃଷି ଅଧିଦର୍ଶକ ଲକ୍ଷ୍ମୀପ୍ରିୟା ସାମନ୍ତରାୟ, ସୁଶାନ୍ତ କୁମାର ପାତ୍ର, କୃଷ୍ଣଚନ୍ଦ୍ର ମୁନି, ଗ୍ରାମ୍ୟ କୃଷି କର୍ମଚାରୀ ବିଷ୍ଣୁଚରଣ ବେହେରା, ମଧୁସ୍ମିତା ପ୍ରଧାନ, ସରଜିତା ପତି, ସଂଘମିତ୍ରା ସାମନ୍ତ, ଏଟିମ୍ କିଶୋର ଚନ୍ଦ୍ର ବେହେରା, ତୃପ୍ତିମୟୀ ଉତର କବାଟଙ୍କ ସମେତ ଭଞ୍ଜନଗର ବ୍ଲକ ସରପଞ୍ଚ ସଂଘ ସଭାପତି ସୁବାଷ ଚନ୍ଦ୍ର ବରାଡ, ବଡକୋଦଣ୍ଡା ସରପଞ୍ଚଙ୍କ ପ୍ରତିନିଧି ହୃଷୀକେଶ ପ୍ରଧାନ, ବାଉଁଶଲୁଣ୍ଡି ସରପଞ୍ଚ ଉଦ୍ଧବ ମିଶ୍ର ଓ ଚାଷୀ ଗଣ ଉପସ୍ଥିତ ଥିଲେ ।

## ବ୍ଲକ୍‌ସ୍ତରୀୟ ପ୍ରଧାନ ଶିକ୍ଷକଙ୍କ ସମ୍ମିଳନୀ



**ବୁଗୁଡା,୧୭ ।୧୨(ସମିସ):** ବୁଗୁଡା ବ୍ଲକ ଅନ୍ତର୍ଗତ ତାକରଡ଼ା ଉନ୍ନିତ ଉଚ୍ଚ ବିଦ୍ୟାଳୟରେ ବ୍ଲକସ୍ତରୀୟ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ସଂପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଷ୍ଣୁଚରଣ ମହାରଣାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ମିଳନୀରେ ମୁଖ୍ୟ ଅତିଥି ରୂପେ ଏବିଇଓ ଅମିତା କୁମାରୀ ପାଢୀ, ସମ୍ମାନିତ ଅତିଥି ଏବିଇଓ ତପସ୍ୱିନୀ ସାହୁ, ପିପୁଲ୍ଲି ହାଇସ୍କୁଲ ପ୍ରଧାନ ଶିକ୍ଷକ କାଳିଚରଣ ବେହେରା ଓ ଏମ୍ଆଇ ଏସ୍‌ବି ଦୁର୍ଗା ପ୍ରସାଦ ଯୋଗ ଦେଇ ପ୍ରତ୍ୟେକ ବିଦ୍ୟାଳୟକୁ ସେମାନଙ୍କ ସାମଗ୍ରିକ ବିକାଶ କରି ଗୋଟିଏ ଗୋଟିଏ ଆଦର୍ଶ ବିଦ୍ୟାଳୟରେ ପରିଣତ କରିବାକୁ ଆହ୍ୱାନ ଦେଇଥିଲେ । ବୈଠକରେ ନବମ ଓ ଦଶମ ଶ୍ରେଣୀର ପିଲାଙ୍କ ଏଲଇପି ଉତ୍କର୍ଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ, ଶ୍ରେଣୀରେ ବିଷୟ ଗୁଡିକ ପଢାଇବା ପୂର୍ବରୁ ଶିକ୍ଷାର୍ଥୀମାନେ କିପରି କାର୍ଯ୍ୟଫର୍ଦ ସଂପୂର୍ଣ୍ଣ କରିବେ । ଦୀକ୍ଷା ଆପ୍, ଆକାଂକ୍ଷା ପାଠ୍ୟକ୍ରମ, ଛାତ୍ରୀଛାତ୍ର ଶିକ୍ଷକ ଓ ପରିଚାଳନା କମିଟି ସଦସ୍ୟଙ୍କ କାର୍ଯ୍ୟ ଦକ୍ଷତାକୁ ନେଇ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ହାସଲ ପ୍ରୟାସ, ଭଳି ବିଭିନ୍ନ ପ୍ରସଙ୍ଗରେ ବିସ୍ତୃତ ଆଲୋଚନା ହୋଇଥିଲା । କାର୍ଯ୍ୟକ୍ରମରେ ବୁଗୁଡା ବ୍ଲକର ୨୭ଟି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ । ଶିକ୍ଷକ ରାଜେନ୍ଦ୍ର କୁମାର ଜେନା ଓ ଦେବହରି ଚୌଧୁରୀଙ୍କ ସମେତ ବିଦ୍ୟାଳୟର ଅନ୍ୟ ଶିକ୍ଷୟିତ୍ରୀ ଶିକ୍ଷକମାନେ ସହଯୋଗ କରିଥିଲେ ।

# ବାଲି ଚାଲାଣକୁ ନେଇ ତାତିଲେ ଗ୍ରାମବାସୀ

**ଆସିକା,୧୭ ।୧୨(ସମିସ)**

ଆସିକା ବ୍ଲକ ଅନ୍ତର୍ଗତ ରିସିପୁର ଗ୍ରାମ ପାଖ୍ୱର୍ ଦେଇ ବହି ଯାଇଥିବା ବଡ଼ ନଦୀ ପଠାରୁ ଦୀର୍ଘଦିନ ହେଲା ବେଆଇନ ଭାବେ ବାଲି ଚୋରାଚାଲାଣ ହେଉଛି । ଫଳରେ ରାଜ୍ୟ ସରକାର କୋଟି କୋଟି ଟଙ୍କାର ରାଜସ୍ୱ ହରାଉଥିବାବେଳେ ଗାଁ ପ୍ରତି ମଧ୍ୟ ବିପଦ ସୃଷ୍ଟି ହୋଇଛି । ସ୍ଥାନୀୟ ଅଞ୍ଚଳର କିଛି ବାଲି ମାଫିଆ ୱାଇ ଫର୍ମ ନ ଥାଇ ବାଲି ଦିନ ରାତି ବାଲି ଚାଲାଣ କରୁଛନ୍ତି । ଏନେଇ ରିସିପୁର ଗ୍ରାମବାସୀ ସ୍ଥାନୀୟ ତହସିଲଦାର ତଥା ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ହେଲେ ଆଜି ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ଗ୍ରାମବାସୀ ଉତ୍ତେଜିତ ହେବା ସହ ମଙ୍ଗଳବାର ଦୁଇଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ତହସିଲର ଜିମା ଦେଇଥିଲେ ।

ଗ୍ରାମବାସୀଙ୍କ ଅଭିଯୋଗ ଅନୁସାରେ ବଡ଼ ନଦୀ ପଠାରୁ ଦୀର୍ଘଦିନ ହେଲା ବାଲି ଚୋରା ଚାଲାଣ ହେଉଛି । ଏନେଇ ଗ୍ରାମବାସୀ ପ୍ରତିବାଦ କରିବାରୁ ବାଲି ମାଫିଆ ମାନେ ସେମାନଙ୍କୁ ହତ୍ୟା ଧମକ ଦେଉଛନ୍ତି । ତେଣୁ ଗ୍ରାମବାସୀ ପ୍ରଶାସନର



ଦ୍ୱାରସ୍ଥ ହୋଇଥିଲେ । ମଙ୍ଗଳବାର ଗ୍ରାମବାସୀ ଦୁଇଟି ଟ୍ରାକ୍ଟର ଅଟକ ରଖିଥିଲେ । ପରିସ୍ଥିତି ଉତ୍ତେଜନା ପୂର୍ଣ୍ଣ ହେବାରୁ ଘଟଣାସ୍ଥଳକୁ ତହସିଲ କାର୍ଯ୍ୟାଳୟର ଅଧିକାରୀ ମାନେ ପହଞ୍ଚି ଗାଡ଼ି ଜବତ କରି ପୁଲିସର ଜିମା ଦେଇଥିଲେ । ଶେଷ ଖବର ସୁଦ୍ଧା ଗାଡ଼ି ଉପରେ କୌଣସି ଜରିମାନା କିମ୍ବା ଗାଡ଼ି ମାଲିକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଇନଥିବା ଜଣାପଡିଛି । ଅପରପକ୍ଷେ ସରକାର ବଦଳିବା ପରେ ଗଞ୍ଜାମ ଜିଲ୍ଲାରେ ବାଲି ମୋରମ ଓ ପଥର ଚୋରାଚାଲାଣ ବୃଦ୍ଧି ପାଉଥିବା ଅଭିଯୋଗ ହେଉଛି ।

### ନିଷିଦ୍ଧାଞ୍ଚଳରେ ମାଛ ମାରିବାକୁ ଅନୁମତି ଦାବି

## ଜିଲ୍ଲାପାଳଙ୍କୁ ମତ୍ସ୍ୟଜୀବୀ ସଂଘର ସ୍ମାରକପତ୍ର



**ଛତ୍ରପୁର,୧୭ ।୧୨(ସମିସ)**

କଇଁଛ ସଂରକ୍ଷଣ ଅଞ୍ଚଳରେ ମାଛ ଧରିବାକୁ ଯିବା ସମୟରେ ଋଷିକୂଲ୍ୟା ମୁହାଣ ଅଞ୍ଚଳରେ ବାଧା ସୃଷ୍ଟି ନ କରିବା ଲାଗି ମଙ୍ଗଳବାର ଓଡ଼ିଶା ପାରମ୍ପରିକ ମତ୍ସ୍ୟଜୀବୀ ୟୁନିୟନ ପକ୍ଷରୁ ଗଞ୍ଜାମ ଜିଲ୍ଲାପାଳଙ୍କ ଉଦେଶ୍ୟରେ ଦାବିପତ୍ର ପ୍ରଦାନ କରାଯାଇଛି । କଇଁଛ ସୁରକ୍ଷା ସମୟରେ ପାରମ୍ପରିକ ମତ୍ସ୍ୟକର୍ମୀ ମାନଙ୍କୁ ମାଛ ଧରିବା ପାଇଁ ସିଇସି ରିପୋର୍ଟରେ ଉଲ୍ଲେଖ ରହିଛି । ସେମାନେ ଯେଉଁ ଜାଲ ବ୍ୟବହାର କରୁଛନ୍ତି ସେହି ଜାଲ ଦ୍ୱାରା କଇଁଛ ମାନଙ୍କ କୌଣସି କ୍ଷତି ଘଟୁନାହିଁ । ଏଣୁ ସେମାନଙ୍କୁ ବାଧା ସୃଷ୍ଟି ନ କରିବା, ରିଙ୍ଗ ଜାଲକୁ ବର୍ତ୍ତମାନ ପରିବର୍ତ୍ତନ ହୋଇ ଶିକ୍ଷା ଜାଲ ନାମରେ ନାମିତ କରାଯାଇଛି । ଏହି ଜାଲ ଦ୍ୱାରା କଇଁଚ ମାନଙ୍କ କୌଣସି କ୍ଷତି ଘଟୁନାହିଁ, ଏଣୁ ଏହି ଜାଲକୁ ମଧ୍ୟ ମାଛ ମାରିବା ପାଇଁ ଅନୁମତି ପ୍ରଦାନ କରିବା, କଇଁଛ ସୁରକ୍ଷା ସମୟରେ ଯେଉଁ ଅଞ୍ଚଳ ମାଛ ଧରିବା ପାଇଁ ନିଷେଧ କରାଯାଇଛି ଉକ୍ତ ଅଞ୍ଚଳରେ ମାଛ ଧରାଯାଉନାହିଁ କିନ୍ତୁ କୌଣସି କାରଣ ବଶତଃ ସମୁଦ୍ର ସ୍ରୋତ ଯୋଗୁଁ ଜାଲଟି ନିଷେଧ ଅଞ୍ଚଳକୁ ଚାଲି ଆସିଲେ ସେହି ଡ଼ଙ୍ଗାକୁ ଛଡ଼ାଯିବାର ବ୍ୟବସ୍ଥା କରାଯିବା, ବର୍ତ୍ତମାନ କଇଁଛ ସୁରକ୍ଷା ସମୟରେ ସରକାର ଜୀବନ ଜୀବିକା ପାଇଁ ସହାୟତା ରାଶି ଭାବେ ଦେଉଥିବା ୧୫ ହଜାର ଟଙ୍କାକୁ ସମସ୍ତ ୧୮ରୁ ୭୦ ବର୍ଷ ବୟସ୍କ ମତ୍ସ୍ୟଜୀବୀ ମାନଙ୍କୁ ପ୍ରଦାନ କରାଯିବା ସହ ବିଧବା ମହିଳା, ମାଛ ବ୍ୟବସାୟୀ ଓ ସେମାନଙ୍କୁ ସହଯୋଗ କରୁଥିବା ମହିଳା ମାନଙ୍କୁ ସେହି ଯୋଜନାରେ ସାମିଲ କରାଯିବା, କଇଁଛ ସୁରକ୍ଷା ଅଞ୍ଚଳରେ ମାଛ ଧରିବା ନିଷେଧ ଅବଧି ନଭେମ୍ବର ୧ ଠାରୁ ମେ ୩୧ ତାରିଖ ରହିଛି ।

ଏହାକୁ ପରିବର୍ତ୍ତନ କରି ଜାନୁଆରୀ ୧ ରୁ ଏପ୍ରିଲ ୩୦ ତାରିଖ କରିବା ସମେତ ବିଭିନ୍ନ ଦାବି ସମ୍ପର୍କରେ ସେମାନେ ଉକ୍ତ ଦାବିପତ୍ରରେ ଉଲ୍ଲେଖ କରିଛନ୍ତି । ଦାବିପତ୍ର ପ୍ରଦାନ ବେଳେ ଓଡିଶା ପାରମ୍ପରିକ ମତ୍ସ୍ୟଜୀବୀ ସଂଘର ସାଧାରଣ ସମ୍ପାଦକ କେ.ଏଲେୟା, ଗଞ୍ଜାମ ଜିଲ୍ଲା ସାଧାରଣ ସମ୍ପାଦକ ସିଏଚ. ବାବାଜୀ, ସିଏଚ. ଚିନେୟା, କେ. କାମୟା, ଡବ୍ଲୁ. ସୀମାଦ୍ରୀ, ଆର. କାଶୀ, ସିଏଚ. ମୁସଲେୟା, ସିଏଚ. କ୍ରିଷ୍ଣା, ସିଏଚ. ଶଙ୍କରଙ୍କ ସମେତ ବହୁ ୟୁନିଅନର ସଦସ୍ୟ ଓ ମତ୍ସ୍ୟଜୀବୀ ମାନେ ଉପସ୍ଥିତ ଥିଲେ ।

## ରାସ୍ତା ଉପରେ ବିପଦସଂକୁଳ ବିଦ୍ୟୁତ୍ ତାର

**ଜଗନ୍ନାଥପ୍ରସାଦ,୧୭ ।୧୨(ସମିସ):** ଜଗନ୍ନାଥ ପ୍ରସାଦ ମୁଖ୍ୟ ବଜାର ନିକଟରେ ଥିବା ବୋଡ଼ା ନଦୀ ପୋଲ ଉପରେ ଏକ ଗୋଟି ବିଦ୍ୟୁତ ଖୁଣ୍ଟ ରହିଥିବା ବେଳେ ତାହାର ବିଦ୍ୟୁତ ତାର ଗୁଡିକ ରାସ୍ତାରେ ଝୁଲୁଥିବା ଦେଖିବାକୁ ମିଳିଛି । ବିଦ୍ୟୁତ ବିଭାଗ ଅଧିକାରୀ ଏହାକୁ ଦୃଷ୍ଟିରେ ରଖି ଅନ୍ୟତ୍ର ସ୍ଥାନାନ୍ତରିତ ପାଇଁ ସାଧାରଣରେ ଦାବି ହେଉଛି । ଭଞ୍ଜନଗର ଓ ଭୁବନେଶ୍ୱରକୁ ଏହି ରାସ୍ତାଟି ସଂଯୋଗ କରୁଥିବା ବେଳେ ପ୍ରତିଦିନ ଏହି ରାସ୍ତା ଦେଇ ସହସ୍ରାଧିକ ଯାନବାହାନ, ଭାରୀଯାନ, ଘରୋଇ ବସ ଏବଂ ଛୋଟଛୋଟିଆ ଯାନବାହାନ ଯିବାଆସିବା କରନ୍ତି । ଏପରିକି ଭଞ୍ଜନଗର, ବେଲଗୁଣ୍ଠା, ଜଗନ୍ନାଥପ୍ରସାଦର ଏବଂ କନ୍ଧମାଳ ଜିଲ୍ଲାରୁ ଗୁରୁତର ରୋଗୀମାନଙ୍କୁ ନେଇ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱରର ବିଭିନ୍ନ ସରକାରୀ ଓ ବେସରକାରୀ ମେଡିକାଲକୁ ଯିବାଆସିବା ମଧ୍ୟ କରିଥାନ୍ତି । ଜଗନ୍ନାଥପ୍ରସାଦ ପରେ ଏହି ବୋଡ଼ାନଦୀ ପଡ଼େ । ବୋଡ଼ା ନଦୀ ପୋଲ ଉପରେ ଏକ ବିଦ୍ୟୁତ ଖୁଣ୍ଟ ରହିଛି । ବର୍ତ୍ତମାନ ଏହି ରାଜ୍ୟ ରାଜପଥ ନମ୍ବର ୨୪ଟିର ରାସ୍ତା ପ୍ରଶସ୍ତୀକରଣ କାମ ଚାଲୁ ରହିଥିବାରୁ ଏହି ଖୁଣ୍ଟଟି ବିପଦ ସଂକେତ ରହୁଛି । କୌଣସି କାରଣବଶତଃ ବଡ଼ ଅଘଟଣ ଘଟିବା ପୂର୍ବରୁ ଏହାକୁ ସ୍ଥାନାନ୍ତରିତ କରିବା ପାଇଁ ସାଧାରଣରେ ଦାବି ହେଉଛି ।



ସେହିପରି ଏହି ପୋଲଟିର ତାରଗୁଡିକ ରାସ୍ତାର ମଧ୍ୟ ଭାଗ ପର୍ଯ୍ୟନ୍ତ ଝୁଲିକି ରହିଛି । ଦିନ ବେଳେ ଏହି ରାସ୍ତା ଦେଇ ସହସ୍ରାଧିକ ଭାରୀଯାନ ସମେତ ଘରୋଇ ବସ, ଭାରୀଯାନ ରାସ୍ତା ପାର କରିବାକୁ ହେଲେ ରାସ୍ତା ପାର୍ଶ୍ୱକୁ ସାଇଡ କରିବାକୁ ପଡିଥାଏ । ଏହି ତାରରେ ବିଦ୍ୟୁତ ଚାର୍ଜ ଥିବା ଯୋଗୁଁ ଆଗକୁ ବଡ଼ ଅଘଟଣ ଘଟିବା ସମ୍ଭାବନା ରହିଛି । ତେଣୁ ବିଦ୍ୟୁତ ବିଭାଗର ଉଚ୍ଚପଦସ୍ଥ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେବାକୁ ଦାବି ହେଉଛି ।

## ଆଳୁ ପରେ ଅଣ୍ଡା ଦର ଆକାଶଛୁଆଁ

**ଶେରଗଡ଼,୧୭ ।୧୨(ସମିସ):** ବଜାରରେ ଆଳୁ ସମସ୍ୟାର ସମାଧାନ ହୋଇପାରୁନଥିବା ବେଳେ ଅତ୍ୟାବଶ୍ୟକ ଖାଦ୍ୟ ସାମଗ୍ରୀର ଦରବୃଦ୍ଧି ଖାଉଟିଙ୍କୁ ଚିନ୍ତାରେ ପକାଇଛି । ଗତ କିଛିଦିନ ହେଲା ଆଳୁ ଦରକୁ ନେଇ ସରକାରଙ୍କ ସମେତ ବ୍ୟବସାୟୀ ମୁଣ୍ଡରେ ହାତ ଦେଇ ବସିଥିବା ବେଳେ ଏବେ ଅଣ୍ଡା ଦର ଆକାଶଛୁଆଁ ହୋଇଛି । ସପ୍ତାହ ପୂର୍ବରୁ ଯେଉଁଠି



୫ ରୁ ୬ ଟଙ୍କାରେ ଅଣ୍ଡା ମିଳୁଥିଲା ତାହା ଏବେ ୭ ରୁ ୮ ଟଙ୍କାରେ ପହଞ୍ଚିଛି । ଏହା ସହ ହୋଲସେଲ ଅଣ୍ଡା ପେଟିର ଦାମ ୧୩୫୦ ରୁ ୧୪୦୦ ଟଙ୍କା ରହିଥିବା ବେଳେ ଖୁଚୁରା ବଜାରରେ ଅଣ୍ଡା ଗୋଟାକୁ ୭ ରୁ ୮ ଟଙ୍କା ରହିଛି । ଆମିଷ ଖାଇବାକୁ ଇଚ୍ଛୁକ ଗ୍ରାହକଟି ଯେତେବେଳେ ମଟନ, ଚିକେନ, ମାଛ ଖାଇ ପାରୁନି ସେତେବେଳେ ଅଣ୍ଡା ଖାଇ ଏହାର ଭରଣା କରୁଥିଲା । ହେଲେ ହଠାତ ବଜାରରେ ଅଣ୍ଡା ଦର ବୃଦ୍ଧି ଯୋଗୁଁ ନା କେବଳ ଗ୍ରାହକ ବରଂ ବ୍ୟବସାୟୀ ବି ଚିନ୍ତାରେ ପଡିଛନ୍ତି । ବ୍ୟବସାୟୀଙ୍କ କହିବାନୁସାରେ କୁକୁଡ଼ା ଦାନାର ଦରବୃଦ୍ଧି ଯୋଗୁଁ ଏହାର ପ୍ରଭାବ ଅଣ୍ଡା ଉପରେ ପଡୁଛି । ସେପଟେ ପରିବହନ ଖର୍ଚ୍ଚ ମଧ୍ୟ ଦୁଇ ଗୁଣ ହୋଇଯାଇଛି । ଗୋଟିଏ ପଟେ ଖାଉଟି ହନ୍ତସନ୍ତ ହେଉଥିବା ବେଳେ ଦରବୃଦ୍ଧିର କାରଣ କାହାରି ପାଖରେ ନାହିଁ ।

## ଆଦର୍ଶ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ହୁମ୍ମା,୧୭ ।୧୨(ସମିସ):** ଗଞ୍ଜାମ ବ୍ଲକ ଅନ୍ତର୍ଗତ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଶତ୍ରୁଶୋଲରେ ୪ର୍ଥ ବାର୍ଷିକ କ୍ରୀଡ଼ା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷ ବୃନ୍ଦାବନ ବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ଗଞ୍ଜାମ ବ୍ଲକ ଅଧ୍ୟକ୍ଷା ଶର୍ମିଷ୍ଠା ପ୍ରଧାନ ମୁଖ୍ୟ ଅତିଥି ରୂପେ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିବା ବେଳେ ସମ୍ମାନିତ ଅତିଥି ରୂପେ ସୁବଳୟା ସରପଞ୍ଚ ସସ୍ମିତା ବେହେରା, ଗ୍ରାସୀମ ଇଣ୍ଡିଷ୍ଟ୍ରିର ସିଏସଆର ମୁଖ୍ୟ ଯୋଗଦେଇଥିଲେ । ଜୁନିଅର ଛାତ୍ର ଅଙ୍କିତ ପ୍ରଧାନ, ସିନିଅର ଛାତ୍ର ଦୀପକ ବେହେରା, ଜୁନିଅର ଛାତ୍ରୀ ଶୟଂଶ୍ରୀ ଗୌଡ଼, ସିନିଅର ଛାତ୍ରୀ ଶ୍ରେୟା ନାୟକ ଭଲ ପ୍ରଦର୍ଶନ କରି ଶ୍ରେଷ୍ଠ ସ୍ଥାନ ହାସଲ କରିଛନ୍ତି । କ୍ରୀଡ଼ା ଶିକ୍ଷକ ସନାତନ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବାବେଳେ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟିତ୍ରୀ ଓ କର୍ମଚାରୀ ସହଯୋଗ କରିଥିଲେ ।

## ଜୀବିତଙ୍କୁ ମୃତ ଦର୍ଶାଇ ଭତ୍ତା ବନ୍ଦ; ବିଡିଓଙ୍କୁ ଫେରାଦ ହେଲେ ବୃଦ୍ଧା

**ଖଲ୍ଲିକୋଟ,୧୭ ।୧୨(ସମିସ):** ଜଣେ ଜୀବିତ ଥିବା ୮୫ ବର୍ଷୀୟା ବୃଦ୍ଧାଙ୍କୁ ମୃତ ଦର୍ଶାଇ ବ୍ଲକ ପ୍ରଶାସନ ପ୍ରାୟ ୧୪ ମାସ ହେଲା ଭତ୍ତା ବନ୍ଦ କରି ରଖିଥିବା ଅଭିଯୋଗ ହୋଇଛି । ମଙ୍ଗଳବାର ସମ୍ପୃକ୍ତ ବୃଦ୍ଧାଙ୍କୁ ପରିବାର ଲୋକେ ବିଡ଼ିଓଙ୍କ ନିକଟରେ ହାଜିର କରିବା ପରେ ଭତ୍ତା ପୁନଃ ନବୀକରଣ କରାଯାଇଥିବା ଜଣାପଡ଼ିଛି । ଘଟଣାଟି ହେଉଛି ଖଲ୍ଲିକୋଟ ବ୍ଲକ ଅନ୍ତର୍ଗତ କଞ୍ଚଣା ପଞ୍ଚାୟତ ଅନ୍ତର୍ଗତ ପୁସ୍ତପୁର ଗ୍ରାମର । ପୁସ୍ତପୁର ଗ୍ରାମର ବୃଦ୍ଧା ରମା ଘୋଷ(୮୫) । ସ୍ୱାମୀଙ୍କ ମୃତ୍ୟୁ ପରେ ୧୬. ୦୭. ୨୦୧୮ ରୁ ତାଙ୍କୁ ବିଧବା ଭତ୍ତା ମିଳୁଥିଲା । ପ୍ରତି ମାସରେ ତାଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ଆସୁଥିଲା । କିନ୍ତୁ ଗତ ୧୪ ମାସ ହେଲା ଆଉ ଟଙ୍କା



ଆସିଲା ନାହିଁ । ପରିବାର ଲୋକେ ଖଲ୍ଲିକୋଟ ବ୍ଲକକୁ ଆସି ପଚାରିବାରେ ରମାଙ୍କୁ ମୃତ ଦର୍ଶାଇ ଭତ୍ତା ବନ୍ଦ କରାଯାଇଥିବା ଜାଣିବାକୁ ପାଇଥିଲେ । ମଙ୍ଗଳବାର ଦୁଇ ବୋହୂ ସୁପ୍ରଭା ଘୋଷ ଓ ସୁମିତ୍ରା ଘୋଷ ଶାଶୁଙ୍କୁ ଖଲ୍ଲିକୋଟ ବିଡ଼ିଓ ଦେବାଶିଷ ସାମଲଙ୍କ ଆଗରେ ହାଜର କରାଇଥିଲେ । ବିଡ଼ିଓ ଦେଖିବା ପରେ ରମାଙ୍କ ଭତ୍ତାକୁ ପୁନଃ ନବୀକରଣ କରିଥିବା ଜଣାପଡ଼ିଛି ।

# ଶ୍ରାବଣ କଢ଼ର ସ୍ୱାଦ ଦେଉଛି ଧିଙ୍ଗିରି ଛତୁ

**ଭଞ୍ଜନଗର,୧୭ ।୧୨(ସମିସ)**

ଶୀତଋତୁରେ ବଜାରକୁ ଆସିଛି ଧିଙ୍ଗିରି ଛତୁ । ଯାହା ଶ୍ରାବଣ କଢ଼ର ସ୍ୱାଦ ଦେଉଛି । ବାହାର ରାଜ୍ୟରୁ ଆସୁଥିବା ବଟନ୍ ଛତୁ ନିତିଦିନିଆ ବଜାରରେ ମିଳୁଥିବା ବେଳେ ଧିଙ୍ଗିରି ଛତୁ ବଜାରରେ ପହଞ୍ଚିବା ପରେ ଭଞ୍ଜନଗର ଅଞ୍ଚଳର ଗ୍ରାହକଙ୍କ ମନ ଜିଣିବାରେ ଲାଗିଛି । ବର୍ଷ ତମାମ୍ ଗ୍ରାହକଙ୍କୁ ଦେଶୀ ଛତୁର ସ୍ୱାଦ ଚଖାଇବା ପାଇଁ ଗଞ୍ଜାମ ଜିଲ୍ଲା ବେଲଗୁଣ୍ଠା ବ୍ଲକ୍ ପାଟୁଳିଶାହି ଗ୍ରାମର ଚିତ୍ରସେନ ବେହେରା ଆରମ୍ଭ କରିଛନ୍ତି ଧିଙ୍ଗିରି ଛତୁ ଚାଷ ।

ଶୀତଦିନରେ କମ ପରିମାଣର ଛତୁ ଉତ୍ପାଦନ ହେଉଥିବାରୁ ବୈଷୟିକ ଜ୍ଞାନ କୌଶଳରେ ଉଦ୍ୟାନ କୃଷି ବିଭାଗ ଧିଙ୍ଗିରି



ଛତୁ ଚାଷକୁ ଗୁରୁତ୍ୱ ଦେଇଛି । ଭଞ୍ଜନଗର ଅଞ୍ଚଳର ଜଳବାୟୁ ଛତୁ ଚାଷ ଉପଯୋଗୀ ହୋଇଥିବାରୁ ବିଭାଗ ଏହି ପଦକ୍ଷେପ ନେଇ ଅନେକ ଚାଷୀଙ୍କୁ ସାମିଲ୍ କରିଛି । ଚିତ୍ରସେନ ଏହି ଛତୁ ଚାଷ କରିବା ପରେ ଅନେକଙ୍କୁ ସାମିଲ୍ କରି ସ୍ୱାବଲମ୍ବୀ କରିଛନ୍ତି । ପାରିବାରିକ ଜଞ୍ଜାଳରୁ ମୁକ୍ତି ପାଇବା ପରେ ଘରେ ଖାଲି ବସି ସମୟ କାଟିବା ଅପେକ୍ଷା ଛତୁ ଚାଷ କରିବାକୁ ଚିତ୍ରସେନ ଚିନ୍ତା କରିଥିଲେ । ସାମାଜିକ ଗଣମାଧ୍ୟମରେ ବିଭିନ୍ନ ପ୍ରକାର ଚାଷ ପଦ୍ଧତି ଦେଖି ଧିଙ୍ଗିରି ଛତୁ ଚାଷ ପାଇଁ ଆକୃଷ୍ଟ ହୋଇଥିଲେ । ପରେ ଧିଙ୍ଗିରି ଛତୁ ଚାଷ କରିବା ଆରମ୍ଭ କରିଥିଲେ ।୨୦୦୪ରେ ଛତୁ ଚାଷ ପ୍ରଥମେ

### ଜମି ଭଡ଼ାରେ ଆଣି ସ୍ୱାବଲମ୍ବୀ ହୋଇଛନ୍ତି ଚିତ୍ରସେନ

ଆରମ୍ଭ କରିବା ପରେ ଉତ୍ପାଦନ ଭଲ ହୋଇଥିଲା । ଲାଭ ବାବଦରେ ଭଲ ଦୁଇ ପଇସା ପାଇବା ପରେ ଦୀର୍ଘ ଦୁଇ ଦଶନ୍ଧି ହେଲା ନିୟମିତ ଭାବେ ଗାଁର ଜଣେ ବ୍ୟକ୍ତିଙ୍କ ଜମିକୁ ଭଡ଼ା ସୂତ୍ରରେ ଆଣି ଛତୁଚାଷ ଜାରି ରଖିଛନ୍ତି । ବର୍ତ୍ତମାନ ୨୦୦ରୁ ଊର୍ଦ୍ଧ୍ୱ ବେଡ୍ ନିର୍ମାଣ କରି ଛତୁ ଚାଷ କରିଛନ୍ତି । ଉଦ୍ୟାନ କୃଷି ବିଭାଗର ଭିନ୍ନ ଭିନ୍ନ ଚାଷ ପଦ୍ଧତି ଓ ନୂତନ କୌଶଳ ଚାଷୀଙ୍କୁ ଲାଭବାନ କରୁଛି । ଅନ୍ୟ ଚାଷ ଅପେକ୍ଷା ଛତୁ ଚାଷ ପାଇଁ ଯୁବପିଢ଼ି ମନ ବଳାଉଥିବାରୁ ଉଦ୍ୟାନ କୃଷି ବିଭାଗ ପଦକ୍ଷେପ ନେଇଛି । ଧିଙ୍ଗିରି ଛତୁ ଚାଷ ପାଇଁ ଉଦ୍ୟାନ ବିଭାଗ କୃଷି କ୍ଷେତ୍ରରେ ମହିଳା ଓ ସ୍ୱୟଂ ସହାୟକ ଗୋଷ୍ଠୀକୁ ସାମିଲ୍ କରିଛି । ବ୍ୟକ୍ତିଗତ ଭାବେ ଚାଷ ପାଇଁ ସମସ୍ତ ପ୍ରକାର ତାଲିମ, ସରକାରୀ ସହାୟତା ଯୋଗାଇ ଦେଉଛି । ଧିଙ୍ଗିରି ଛତୁ ବିହନ ଭଞ୍ଜନଗର ସମେତ ବ୍ରହ୍ମପୁରରୁ ଖୁବ୍ ସହଜରେ ମିଳିପାରୁଛି । ବେଡ୍ ପିଛା ୬୦ ରୁ ୭୦ ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବଜାରରେ କିଲୋ ପ୍ରତି ୧୦୦ ରୁ ୧୫୦ ଟଙ୍କାରେ ବିକ୍ରି ହେଉଛି ।

## କଳିଙ୍ଗ ବୈଶ୍ୟ ମହାସଂଘ ସଭାପତିଙ୍କ ବିୟୋଗରେ ଶୋକ



**ଧରାକୋଟ,୧୭ ।୧୨(ସମିସ):** ଧରାକୋଟ ନିକଟସ୍ଥ ମୁଣ୍ଡମରାଇ ସ୍ଥିତ କଳିଙ୍ଗ ବୈଶ୍ୟ ସଂଘ, ଯୁବକ ସେବା ସଂଘ ଏବଂ ମହିଳା ସଂଘ ସଭ୍ୟମାନଙ୍କ ଉପସ୍ଥିତିରେ କଳିଙ୍ଗ ବୈଶ୍ୟ ସଂଘ ମହାସଭା ସଭାପତି ସ୍ୱର୍ଗତ ଟି. କେଦାରନାଥ ସୁବୁଦ୍ଧିଙ୍କ ଦେହାନ୍ତରେ ଶୋକ ସଭା ପାଳିତ ହୋଇଯାଇଛି । ସଂଘ ସଭାପତି ଅନୀଲ କୁମାର ପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ସଂଘର ସଭ୍ୟ ଗୌରାଙ୍ଗ ସୁବୁଦ୍ଧି, ଯୁବକ ସେବା ସଂଘ ସଭାପତି ଚିଦାନନ୍ଦ ପାତ୍ର, ମହିଳା ସଂଘ ସଭାନେତ୍ରୀ ରୋଜା ସୁବୁଦ୍ଧି ଓ ସଂଘର ଅନ୍ୟାନ୍ୟ ସଭ୍ୟମାନେ ଉପସ୍ଥିତ ରହି ସଂଘ ଓ ସମାଜ ପ୍ରତି ରହିଥିବା ତାଙ୍କରି ଅବଦାନ ସମ୍ପର୍କରେ ସ୍ମୃତିଚାରଣ କରିଥିଲେ । ସଂଘ ସମ୍ପାଦକ ଭେଙ୍କଟେଶ୍ୱର ପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ବିଶ୍ରାମାଗାର ଭାଙ୍ଗିବାକୁ ବିରୋଧ

# ରାସ୍ତା ଅବରୋଧ କଲେ ୩ ଗ୍ରାମବାସୀ

**ସୋରଡ଼ା,୧୭ ।୧୨(ସମିସ)**

ଆସିକା ଥାନା ଯୋଡ଼ାବନ୍ଧ ଛକରେ ଥିବା ଏକ ବିଶ୍ରାମାଗାର ଭଙ୍ଗା ଘଟଣାକୁ ନେଇ ମଙ୍ଗଳବାର ତୁମୁଳକାଣ୍ଡ ଘଟିଛି। ପ୍ରଶାସନ ବିଶ୍ରାମାଗାର ଭାଙ୍ଗିବା ଲାଗି ପୁଲିସ ସହାୟତାରେ ସମ୍ପୃକ୍ତ ସ୍ଥାନକୁ ଯାଉଥିବାବେଳେ ୩ ଗ୍ରାମବାସୀ ଏହାର ବିରୋଧ କରିଥିଲେ। ଫଳରେ ପ୍ରଶାସିକ ଅଧିକାରୀ ମାନେ ସେଠାରୁ ଫେରି ଆସିଥିଲେ। ସୋରଡ଼ା ବ୍ଲକ ସରାବାଡି ପଞ୍ଚାୟତର ଯୋଡ଼ା ବନ୍ଧ ଛକରେ ପ୍ରାୟ ଚାଳିଶି ବର୍ଷ ପୂର୍ବେ ଏକ ଯାତ୍ରୀ ବିଶ୍ରାମାଗାର ନିର୍ମାଣ ହୋଇଥିଲା। ବର୍ତ୍ତମାନ ତାହାର ପୁନଃ ଉଦ୍ଧାର ପରେ ସମ୍ପୃକ୍ତ ଜାଗାର କିଛି ଅଂଶରେ ଖାରୀଗୁଡ଼ା ଗ୍ରାମର ସୁବାସ ଚନ୍ଦ୍ର ଗୁରୁଙ୍କ ଜମି ରହିଥିବା ଦର୍ଶାଇ ସେ ସ୍ଥାନୀୟ ପ୍ରଶାସନର ଦ୍ୱାରସ୍ଥ ହୋଇଥିଲେ। ତେବେ ସେଠାରୁ ନିରାଶ ହେବା ପରେ ଉଚ୍ଚନ୍ୟାୟାଳୟର ଆଶ୍ରୟ ନେଇଥିଲେ। ଉଚ୍ଚନ୍ୟାୟାଳୟ ବିଶ୍ରାମଗାରର କିଛି ଅଂଶ ଭାଙ୍ଗିବାକୁ ନିର୍ଦ୍ଦେଶ ଦେଇଥିଲେ। ନ୍ୟାୟାଳୟ ଆଦେଶ ଅନୁସାରେ ମଙ୍ଗଳବାର ସ୍ଥାନୀୟ ତହସିଲଦାର, ବିଡିଓ ଓ ଥାନା ଅଧିକାରୀ ବିଶ୍ରାମାଗାର ଭାଙ୍ଗିବା ଲାଗି ସଦଳବଳେ ଯାଇଥିଲେ। ତେବେ ଘଟଣା ସମ୍ପର୍କରେ ସୂଚନା



ପାଇ ସ୍ଥାନୀୟ ଚାକୁଣ୍ଡା, ଗୁଣ୍ଡିରୀବାଡି, ସରାବାଡି ଗ୍ରାମବାସୀ ଏହାର ବିରୋଧ କରିବା ସହ ବଡ଼ଗଡ଼ ଓ ସୋରଡ଼ାକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଫଳରେ ଏହି ରାସ୍ତାରେ ଅପରାହ୍ନ ପର୍ଯ୍ୟନ୍ତ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଗ୍ରାମବାସୀଙ୍କ କହିବା ହେଲା ଯେ, ଅଭିଯୋଗକାରୀଙ୍କ ପୂର୍ବପୁରୁଷମାନେ ଏହି ଜମିକୁ ଦାନ ସୂତ୍ରରେ ଦେଇଥିଲେ। ତେବେ ଏବେ ତାଙ୍କ ଦାୟଦ କିପରି ନିଜର ବୋଲି ଦାବି କରି ନ୍ୟାୟାଳୟର ଦ୍ୱାରସ୍ଥ ହେଲେ। ଅପରପକ୍ଷେ ଗ୍ରାମବାସୀଙ୍କ ବିରୋଧ ଯୋଗୁଁ ପ୍ରଶାସନିକ ଅଧିକାରୀ ମାନେ ଲୋକଙ୍କୁ ଆଶ୍ୱାସନା ଦେବା ସହ ଏହି ପ୍ରସଙ୍ଗରେ ପ୍ରଶାସନିକ ସ୍ତରରେ ବିଚାର କରାଯିବ କହି ସେଠାରୁ ଫେରି ଆସିଥିଲେ।

# ନିରୀକ୍ଷଣ ଟିମ୍‌ର ସ୍ୱାସ୍ଥ୍ୟ ଉପକେନ୍ଦ୍ର ପରିଦର୍ଶନ



**ଛତ୍ରପୁର,୧୭ ।୧୨(ସମିସ):** ବାଲେଶ୍ୱର ଜିଲ୍ଲାରୁ ଆସିଥିବା ରାଜ୍ୟ ସ୍ୱାସ୍ଥ୍ୟ ନିରୀକ୍ଷଣ ଟିମ ମଙ୍ଗଳବାର ଗଞ୍ଜାମ ଜିଲ୍ଲାର ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ବିପୁଲିଙ୍ଗି ସ୍ୱାସ୍ଥ୍ୟ ଉପକେନ୍ଦ୍ର, ନୋଳିଆ ନୂଆଗାଁ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଚମାଖଣ୍ଡି ସ୍ୱାସ୍ଥ୍ୟ ଉପ କେନ୍ଦ୍ର ପରିଦର୍ଶନ କରି ଭିତ୍ତିଭୂମି ତଦାରଖ କରିବା ସହିତ ରୋଗୀଙ୍କ ରୋଗ ଚିହ୍ନଟ ଓ ନିରାକାରଣ ପ୍ରକ୍ରିୟାର ଅନୁଧ୍ୟାନ କରିଥିଲେ। ଏହି ଟିମରେ ବାଲେଶ୍ୱର ଜିଲ୍ଲା ମୁଖ୍ୟ ତଥ୍ୟ ଅଧିକାରୀ ହରେକୃଷ୍ଣ ସାହୁ, ଏସଏନସିୟୁ (ଡିଇଓ) ନିହାର ରଞ୍ଜନ ସାହୁ, ୟୁଡିଏମ ରାଜ ଶେଖର ଘୋଷ, ସତ୍ୟ ନାରାୟଣ ବେହେରା, ସୁକାନ୍ତ ପ୍ରଧାନ, ହୃଷୀକେଶ ବେହେରା ପ୍ରମୁଖ ସାମିଲ ଥିଲେ। ଏହି ଅବସରରେ ମୁନିସିପେଣ୍ଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଅଧୀକ୍ଷିକ ଡାକ୍ତର ସ୍ୱାଧୀନ ରଥ, ବିପିଏମ ସୀମାଞ୍ଚଳ ପ୍ରଧାନ, ନୋଳିନିଆଗାଁ ସେକ୍ଟର ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ସନ୍ଦୀପ ଗୌଡ଼, ଡାକ୍ତର ତପସ୍ୱିନୀ, ବିଡ଼ିଏମ ଶିବାନୀ ସେନାପତି, ଚମାଖଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟଅଧିକାରୀ କିରଣ ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଟିମ ବୁଧବାର ସମସ୍ତ ତଥ୍ୟ ଜିଲ୍ଲା ମୁଖ୍ୟ ଚିକିତ୍ସାଅଧିକାରୀ ଡାକ୍ତର ବିଜୟ କୁମାର ପଣ୍ଡାଙ୍କୁ ପ୍ରଦାନ କରିବେ।

# ଗଛକଟାକୁ କେନ୍ଦ୍ରକରି ଯୁବକଙ୍କୁ ଆକ୍ରମଣ

**ପୋଲସରା,୧୭ ।୧୨(ସମିସ):** ପୋଲସରା ନିକଟସ୍ଥ ଧନେଇ ଜଳଭଣ୍ଡାରକୁ ଲାଗି ରହିଥିବା ବଙ୍ଗଳା ନିକଟରୁ ୪ଟି ବିରାଟକାୟ ଶାଳୁଆ ଗଛକୁ କାଟିବାକୁ କେନ୍ଦ୍ର କରି ଭାବରଡା ସରପଞ୍ଚ ଓ ତାଙ୍କ ସମର୍ଥକ ମାନେ ଜଣେ ଯୁବକକୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଛି। ଆକ୍ରମଣ ଶିକାର ହୋଇଥିବା ଜଣକ ହେଉଛନ୍ତି ଭାବରଡ଼ା ଗ୍ରାମର ପିଣ୍ଟୁ ବିଷୋୟୀ। ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ କରୁଛି। ପିଣ୍ଟୁଙ୍କ ଅଭିଯୋଗ ଅନୁସାରେ ଗତ୧୧ ତାରିଖ ସନ୍ଧ୍ୟାରେ ସରପଞ୍ଚ ପ୍ରଦ୍ୟୁମ୍ନ କୁମର ବିଷୋୟୀ ଓ ତାଙ୍କର ୧୦/୧୫ ଜଣ ସମର୍ଥକ ତାଙ୍କୁ ଘରୁ ଉଠାଇ ନେଇ ଦିଲ୍ଲିପ କୁମାର ଖଟୁଆଙ୍କ ଫାର୍ମ ହାଉସରେ ରଖିଥିଲେ। ପରେ ସେଠାରେ ପିଣ୍ଟୁଙ୍କୁ ଗାଳିଗୁଲଜ କରିବା ସହିତ ମାଡ଼ ମାରିଥିଲେ। ଏବଂ ତାଙ୍କର ବାଇକକୁ ମଧ୍ୟ ଭଙ୍ଗାରୁଜା କରିଥିଲେ। ଏଥି ସହିତ ନିଜ ଫେସବୁକ୍ ରେ ଉକ୍ତ କାଠ ଚୋରିକୁ ପୋଷ୍ଟ



କରିଥିବା ସାମ୍ବାଦିକ ରୋହିତ ପ୍ରଧାନଙ୍କୁ ମଧ୍ୟ ହତ୍ୟା ଧମକ ଦେଇଥିଲେ। ପୁଲିସ ଭାବରଡା ସରପଞ୍ଚଙ୍କ ସମେତ ଦିଲିପ କୁମାର ଖଟୁଆ, ଶଙ୍କର୍ଷଣ ପ୍ରଧାନ, ରଞ୍ଜିତ ବିଷୋୟୀ, ରବୀନ୍ଦ୍ର ସ୍ୱାଇଁ, ରବୀନ୍ଦ୍ର ବିଷୋୟୀ, ମହେନ୍ଦ୍ର ବେହେରା, କେଦାର ସାହୁ, ଅଜିତ ବେହେରା ଓ ବୁଲୁ ବିଷୋୟୀଙ୍କ ନାଁରେ ଅପରାଧିକ ମାମଲା ରୁଜୁ କରିଛି। ମାତ୍ର ବିଡମ୍ବନାର ବିଷୟ ହେଉଛି ଧନେଇ ଜଳଭଣ୍ଡାରର କନିଷ୍ଠ ଯନ୍ତ୍ରୀ, ସହକାରୀ ଯନ୍ତ୍ରୀ ଓ ଜଙ୍ଗଲ ବିଭାଗ ବର୍ତ୍ତମାନ ସୁଧା ନିରବ ଦ୍ରଷ୍ଟା ସାଜିଛନ୍ତି। ମାତ୍ର ପୋଲସରା ବନ୍ୟାଞ୍ଚଳ ଅଧିକାରୀଙ୍କ ଘଟଣା ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିବାରୁ ସେମାନେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଚାହୁଁଥିଲେ ବି ଧନେଇ ଜଳଭଣ୍ଡାରର କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ ସେମାନଙ୍କୁ ସହଯୋଗ କରୁ ନାହାନ୍ତି ବୋଲି କହିଛନ୍ତି। ଅପରପକ୍ଷରେ ପୁଲିସ ମାମଲା ରୁଜୁ କରି ହାତବାନ୍ଧି ବସିଛି। ସୋମବାର ବନବିଭାଗ ଓ ସ୍ଥାନୀୟ ପୋଲିସ ଉପସ୍ଥିତିରେ କଟା ଯାଇଥିବା ଗଛର ଗଣ୍ଡିକୁ ଜବତ କରିଥିଲେ ମଧ୍ୟ ତାହର ଆକଳନ କରାଯାଇନାହିଁ। ଏଣୁ ଜଳଭଣ୍ଡାରର କନିଷ୍ଠ ଯନ୍ତ୍ରୀ ଓ ସହକାରୀ ଯନ୍ତ୍ରୀ, ବନ ବିଭାଗର ଅଧିକାରୀ ଓ ପୁଲିସର କାର୍ଯ୍ୟକଳାପ ପ୍ରତି ଲୋକେ ସନ୍ଦେହ ପ୍ରକାଶ କରିବା ସହିତ ଗଞ୍ଜାମ ଜିଲ୍ଲାପାଳ, ଜଳସେଚନ ଓ ବନ ବିଭାଗର ଉଚ୍ଚ କର୍ତ୍ତୃପକ୍ଷ ସହିତ ଏସପି ଏଥି ପ୍ରତି ଦୃଷ୍ଟି ଦେବାକୁ ଦାବି କରିଛନ୍ତି। ଉକ୍ତ କାଠ ମଧ୍ୟରୁ ଗୋଟିଏ ଶାଳୁଆ କାଠ ଗଣ୍ଡିର କିଛି ଖଣ୍ଡ କାଠ ଆଣି ଚିରିକିପଡା ଶାସନ ଗ୍ରାମର ବେଆଇନ କାଠ ମିଲ୍‌ରେ କଟାଯାଇ ସେଠାରୁ ଭାବରଡା ଗ୍ରାମକୁ ନିଆଯାଇଥିବା ଜଣାପଡିଛି।

# ନୋଡାଲ ସଚିବଙ୍କ ଦିଗପହଣ୍ଡି ଗସ୍ତ

**ଦିଗପହଣ୍ଡି,୧୭ ।୧୨(ସମିସ):** ଗଞ୍ଜାମ-ଗଜପତି ଜିଲ୍ଲା ସଚିବ ଦାୟିତ୍ୱରେ ଥିବା ରାଜ୍ୟ ପର୍ଯ୍ୟଟନ ସଚିବ ତଥା କମିଶନର ବଲୱନ୍ତ ସିଂ ମଙ୍ଗଳବାର ଦିଗପହଣ୍ଡି ଗସ୍ତରେ ଆସି ବାସୁଦେବପୁର ପଞ୍ଚାୟତ କାର୍ଯ୍ୟାଳୟ,ଶ୍ରୀ ଜଗନ୍ନାଥ ୫-ଟି ହାଇସ୍କୁଲ, ମିଶନ ଶକ୍ତି ଗୃହ ଏବଂ ଅଙ୍ଗନବାଡ଼ି ଗୃହ ପରିଦର୍ଶନ କରିଥିଲେ। ଅଙ୍ଗନବାଡ଼ି ଶିଶୁ ମାନଙ୍କ ସହ ସେମାନଙ୍କ ଖାଦ୍ୟ



ପେୟ, ଶୈଶବ ଶିକ୍ଷା ଦାନ ସମ୍ପର୍କରେ ଶିଶୁ ମାନଙ୍କୁ ପଚାରି ସେମାନଙ୍କ ବୁଦ୍ଧିମତା ପରଖିଥିଲେ। ସେ ବାସୁଦେବପୁର ଗ୍ରାମର ମିଶନ ଶକ୍ତି ଗୃହକୁ ବୁଲି ଦେଖିଥିଲେ। ସେଠାରେ ଉପସ୍ଥିତ ମହିଳା ମାନଙ୍କୁ ସେମାନଙ୍କ ସୁବିଧା ଅସୁବିଧା ସମ୍ପର୍କରେ ପଚାରିବା ସହ ସୁଭଦ୍ରା ଯୋଜନାରେ ପାଇଥିବା ଅର୍ଥରାଶି କେଉଁ କାର୍ଯ୍ୟରେ ବିନିଯୋଗ କଲେ ବୋଲି ଜାଣିବାକୁ ଚାହିଁଥିଲେ। ପରେ ହାଇସ୍କୁଲରେ ପହଞ୍ଚି ପ୍ରଧାନ ଶିକ୍ଷୟିତ୍ରୀ ସନ୍ତୋଷୀନୀ ତ୍ରିପାଠୀ ଏବଂ ଶିକ୍ଷୟିତ୍ରୀ ଶିକ୍ଷକ ମାନଙ୍କ ସହ ଆଲୋଚନା କରିଥିଲେ। ହାଇସ୍କୁଲର ବିଦ୍ୟୁତ ଟିକସ ପୈଠ ପାଇଁ ଆର୍ଥିକ ସମସ୍ୟା ନେଇ ପ୍ରଧାନ ଶିକ୍ଷୟିତ୍ରୀ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେ ଏନେଇ ଉପସ୍ଥିତ ଗଞ୍ଜାମ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କୁ ସମସ୍ୟାର ସମାଧାନ ପାଇଁ ନିର୍ଦ୍ଦେଶ ଦେଇଥିଲେ। ଏହି ଅବସରରେ ବ୍ରହ୍ମପୁର ଉପଜିଲ୍ଲାପାଳ ଦୀନା ଦସ୍ତାଗିର, ପ୍ରୋବେସନାରୀ ଆଇଏଏସ ପ୍ରଣିତା ଦାସ, ଦିଗପହଣ୍ଡି ବିଡ଼ିଓ ଡ଼.ଚିତ୍ତରଞ୍ଜନ ଦାସ, ସିଡ଼ିପିଓ ପୁଷ୍ପାଞ୍ଜଳି ଶତପଥି, ଅଙ୍ଗନବାଡ଼ି ସୁପର ଭାଇଜର ସଞ୍ଜୁଲତା ପାଣିଗ୍ରାହୀ, ବିପିସି ଦୁର୍ଯ୍ୟୋଧନ ମଲ୍ଲିକ, ବିପିଏମ୍ ସଙ୍ଗୀତା ପଣ୍ଡା, ବ୍ଲକ ସହକାରୀ ଯନ୍ତ୍ରୀ ଇଂ.ରାଜୀବ ପ୍ରଧାନ, କନିଷ୍ଠ ଯନ୍ତ୍ରୀ ଇଂ.ତପସ୍ୱିନୀ ପାଢ଼ୀ, ସରପଞ୍ଚ ଏମ.ଶ୍ୟାମଘନ, ସେବା ସମବାୟ ସମିତି ସଭାପତି ଡି. ସନାତନ ଦୋରା, ସାମାଜିକ କର୍ମୀ ଏମ.ନରସିଂହ, ଏମ.ସନ୍ତୋଷ, ଜି.ଦାସ ରେଡ୍ଡୀ, କେ.ଭୀମଙ୍କ ସମେତ ବହୁ ସଂଖ୍ୟକ ଗ୍ରାମବାସୀ ଉପସ୍ଥିତ ଥିଲେ। ପରେ ସଚିବ ଶ୍ରୀ ସିଂ ତପ୍ତପାଣି ପାନ୍ଥ ନିବାସରେ ପହଞ୍ଚି ପୂର୍ତ୍ତବିଭାଗ ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ.କାର୍ତ୍ତିକେଶ୍ୱର ପ୍ରଧାନଙ୍କ ସହ ପର୍ଯ୍ୟଟନ କ୍ଷେତ୍ରର ବହୁବିଧ ବିକାଶ ଦିଗରେ ଆଲୋଚନା କରିଥିଲେ। ସେଠାରେ ସାନଖେମୁଣ୍ଡି ବିଡ଼ିଓ ଜିତେନ୍ଦ୍ର କୁମାର ମିଶ୍ର, ତହସିଲଦାର ରାମଚନ୍ଦ୍ର ପଟ୍ଟନାୟକ, ପୂର୍ତ୍ତ ବିଭାଗ ସହକାରୀ ଯନ୍ତ୍ରୀ ଇଂ. ବନୋଜ ସେଠୀଙ୍କ ସମେତ ବହୁ ଅଧିକାରୀ ଉପସ୍ଥିତ ଥିଲେ।

# ୭ ହଜାର ଟଙ୍କା ପାଇଁ ଯୁବକଙ୍କୁ ହତ୍ୟା

**ବେଲଗୁଣ୍ଠା,୧୭ ।୧୨(ସମିସ):** ବେଲଗୁଣ୍ଠା ଥାନା ଅନ୍ତର୍ଗତ ଧୂମୁଛାଇ ନିକଟରେ ପୂର୍ବରୁ ଧାର ନେଇଥିବା ଟଙ୍କା ଜଣେ ଯୁବକଙ୍କ ଠାରୁ ନ ଫେରି ପାଇବାରୁ ଦୁଇ ଜଣ ଯୁବକ ତାକୁ ଆକ୍ରମଣ କରିଥିଲେ। ଫଳରେ ଯୁବକଙ୍କ ମତ୍ୟୁ ଘଟିଛି। ଧୂମୁଛାଇ ଗ୍ରାମର ହରି ଡାକୁଆଙ୍କ ପୁଅ ସୁନୀଲ ଡାକୁଆ, ସୁନୀଲ ପୋଲାଇଙ୍କ ଠାରୁ ଦଶହରା ସମୟରେ ୭ ହଜାର ଟଙ୍କା ଧାର ଆଣିଥିଲା। କିନ୍ତୁ ସୁନୀଲ ସେହି ଟଙ୍କା ଠିକ୍ ସମୟରେ ଫେରସ୍ତ ନ ଦେବାରୁ ଗତ ୧୧ ତାରିଖ ଦିନ ଧୂମୁଛାଇ ଚାରି ଛକ ନିକଟରେ ସୁନୀଲ୍ ପୋଲାଇ ଓ ବିଶ୍ୱଜିତ ତାରିଣି ଟଙ୍କା ମାଗି ତାକୁ ଧମକାଇଥିଲେ ଏବଂ ତାର ଶରୀରର ଛାତି, ମୁହଁ ଆଦି ଜାଗାକୁ ମାଡ ମାରି ଆହତ କରିଥିଲେ। ପରିବାର ବର୍ଗ ତାକୁ ଭଞ୍ଜନଗର ଓ ବ୍ରହ୍ମପୁର ଡାକ୍ତରଖାନାରେ ଭର୍ତ୍ତି କରି ବେଲଗୁଣ୍ଠା ଥାନାରେ ଏତଲା ଦେଇଥିଲେ। ପୁଲିସ ଏହି ଘଟଣାରେ ସଂପୃକ୍ତ ସୁନୀଲ ପୋଲାଇ ଓ ବିଶ୍ୱଜିତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। କିନ୍ତୁ ମଙ୍ଗଳବାର ଭୋର୍ ସମୟରେ ଚିକିତ୍ସାଧୀନ ଅବସ୍ଥାରେ ସୁନୀଲଙ୍କ ମୃତ୍ୟୁ ଘଟିଛି। ପୁଲିସ ଶବ ବ୍ୟବଚ୍ଛେଦ ହୋଇ ତାର ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ଏବଂ ପୁର୍ବରୁ ଲାଗିଥିବା ଆକ୍ରମଣ ଦଫା ହତ୍ୟାରେ ପରିବର୍ତ୍ତନ ହୋଇଥିବା ଥାନାଧିକାରୀ ବନବିହାରୀ ପ୍ରଧାନ ପ୍ରକାଶ କରିଛନ୍ତି । ବେଲଗୁଣ୍ଠା ପୁଲିସ ତରଫରୁ ଏସ୍‌ଆଇ ନାରାୟଣ ନାୟକ ଘଟଣାର ତଦନ୍ତ କରୁଛନ୍ତି। ଏପରି ଏକ ସମ୍ବେଦନଶୀଳ ଘଟଣା ଅଞ୍ଚଳରେ ଚର୍ଚ୍ଚାର ବିଷୟ ପାଲଟିଛି।

# ବନ ସେବା ସଂଘର କର୍ମକର୍ତ୍ତା ଚୟନ



**ଭଞ୍ଜନଗର,୧୭ ।୧୨(ସମିସ):** ନିଖିଳ ଓଡିଶା ଅଣ ଗେଜେଟେଡ୍ ବନସେବା ସଂଘର ଭଞ୍ଜନଗର ଉତ୍ତର ଘୁମୁସର ବନଖଣ୍ଡ ଶାଖାର ଏକ ବୈଠକ କେନ୍ଦ୍ରୀୟ ନର୍ସରୀରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉତ୍ତର ଘୁମୁସର ବନଖଣ୍ଡର ସମସ୍ତ ବନପାଳ, ବନରକ୍ଷୀ ଯୋଗଦେଇ ସଂଘର ଆଗାମୀ କାର୍ଯ୍ୟପନ୍ଥା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଭଞ୍ଜନଗର ସଂଘର ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା। ଏଥିରେ ବନପାଳ ଅନୁପ କୁମାର ବିଷୋୟୀଙ୍କୁ ସଭାପତି ଭାବେ ଚୟନ କରାଯାଇଥିଲା। ଉପସଭାପତି ଭାବେ ବନପାଳ ଶରତ ମହାନ୍ତି, ସମ୍ପାଦକ ବନରକ୍ଷୀ ସୁଶାନ୍ତ ଶେଖର ମିଶ୍ର,ସହ ସମ୍ପାଦକ ବନରକ୍ଷୀ ଜିତେନ୍ଦ୍ର କୁମାର ସେଠୀ, ଯୁଗ୍ମ ସମ୍ପାଦକ ବନପାଳ ମୀତା ପୋଲାଇ ଏବଂ କୋଷାଧକ୍ଷ ବନପାଳ ଏ.ଶୁଭସ୍ମିତା ପାତ୍ରଙ୍କୁ ଚୟନ କରାଯାଇଥିଲା। ନୂତନ କମିଟିକୁ ସମସ୍ତ ସଦସ୍ୟ ମାନେ ସମ୍ବର୍ଦ୍ଧନା ଦେବା ସହ ଆଗାମୀ ଦିନରେ ସଂଘର ସମସ୍ତ ସମସ୍ୟାକୁ ସମାଧାନ କରିବା ସହ ମିଳିମିଶି କାମ କରିବା ନେଇ ଆଲୋଚନା ହୋଇଥିଲା।

# ବ୍ଲକସ୍ତରୀୟ ସାମ୍ବିଧାନ ସମ୍ମିଳନୀ



**ରମ୍ଭା,୧୭ ।୧୨(ସମିସ):** ଲଙ୍ଗଳେଶ୍ୱର ଉଚ୍ଚ ବିଦ୍ୟାଳୟ ବୁରୁଡି ଶିକ୍ଷାନୁଷ୍ଠାନ ପରିସରରେ ଗଞ୍ଜାମବ୍ଲକସ୍ତରୀୟଓଡିଶାମାଧମିକସ୍କୁଲଶିକ୍ଷକସଂଘ(ଓଷ୍ଟା)ର୪୧ତମଗଞ୍ଜାମବ୍ଲକସ୍ତରୀୟ ଶିଶୁ ଉତ୍ସବ ସାମ୍ବିଧାନିକ ସମ୍ମିଳନୀ ପ୍ରଧାନ ଶିକ୍ଷକ ସୁଜିତ କୁମାର ପଣ୍ଡାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତା ହୋଇଥିଲା। ଗଞ୍ଜାମ ବିଡିଓ ଅଚ୍ୟୁତ କୁମାର ଜାନି, ଓଷ୍ଟାର ସଭାପତି ଅକ୍ଷୟ କୁମାର ମହାଲିକ, ବିଜୟ କୁମାର ବେହେରା (ଓଷ୍ଟା ସମ୍ପାଦକ), ରାଜ୍ୟପାଳ ପୁରସ୍କୃତ ତଥା ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଓ ଉପଦେଷ୍ଟା ବିଜୟକୁମାର ବିଶ୍ୱାଳ, ରାମଚନ୍ଦ୍ର ପଲେଇ, ନାରାୟଣ ନାହାକ (ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ), ଶେଷଦେବ ପ୍ରଧାନ, ଶୁଭଲକ୍ଷ୍ମୀ ମହାନ୍ତି, ଭିକାରି ଗୌଡ଼ (ଓଷ୍ଟା ର ଉପଦେଷ୍ଟା), ସୁଶାନ୍ତ କୁମାର ତରେଇ ସିଆରସିସି, ଶେଷଦେବ ଛଟେଇ ପ୍ରମୁଖ ମଞ୍ଚାସିନ ହୋଇଥିଲେ। ଶିବିର ପରିଚାଳନାରେ ବରିଷ୍ଠ ଶିକ୍ଷକ ବିକ୍ରମ କୁମାର ନାହାକ, ପ୍ରମୋଦ କୁମାର ମହାରଣା, ପ୍ରଭାତ କୁମାର ନାହାକ (ବରିଷ୍ଠ କିରାଣି), ଶିବ ପ୍ରସାଦ ଦାସ, ରୂପକ କୁମାର ସାହୁ, ନିତ୍ୟାନନ୍ଦ ପଣ୍ଡିତ, ରାଧାକୃଷ୍ଣ ଦଳେଇ, ସୁରେଶ ଚନ୍ଦ୍ର ଦଳାଇ ପ୍ରମୁଖ ସହଯୋଗ କରିଥିଲେ।

# ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ କ୍ରୀଡ଼ା



**ବେଲଗୁଣ୍ଠା, ୧୭ ।୧୨(ସମିସ):** ବେଲଗୁଣ୍ଠା ବ୍ଲକ ଅନ୍ତର୍ଗତ କ୍ଷେତ୍ରିୟବରପୁର ସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ୨୭ତମ ବାର୍ଷିକ କ୍ରୀଡା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉଦଘାଟନୀ କ୍ରୀଡା ଉତ୍ସବରେ ସୋରଡ଼ା ବିଧାୟକ ନୀଳମଣି ବିଶୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇ ମସାଲ ଗ୍ରହଣ କରିବା ସହ କ୍ରୀଡା ପତାକା ଉତ୍ତୋଳନ କରିଥିଲେ। କ୍ରୀଡା ବିଭାଗର ଉପସଭାପତି ସୁଶାନ୍ତ କୁମାର ଲେଙ୍କା କାର୍ଯ୍ୟକ୍ରମ ସଂଯୋଜନା କରିବା ସହ ସହ-ଉପସଭାପତି ସୌମେନ୍ଦୁ ପଣ୍ଡା କ୍ରୀଡା କାର୍ଯ୍ୟକ୍ରମ ପରିଚାଳନାର ତଦାରଖ କରିଥିଲେ। ଅବସରପ୍ରାପ୍ତ କ୍ରୀଡା ଶିକ୍ଷକ ସୁରେନ୍ଦ୍ର ବିଶ୍ୱାଳ, କ୍ରୀଡା ଶିକ୍ଷକ ଆଶୁତୋଷ ସ୍ୱାଇଁ ଏବଂ କାହ୍ନୁଚରଣ ବିଶୋଇ ପ୍ରମୁଖ ସହଯୋଗ କରିଥିଲେ। ଉଦଯାପନୀ ଉତ୍ସବରେ ଭଞ୍ଜନଗର ଆଞ୍ଚଳିକ ପରିବହନ ଅଧିକାରୀ ଶୁଭେନ୍ଦୁ ରଞ୍ଜନ ରାୟ ମୁଖ୍ୟ ଅତିଥି, ପ୍ରାକ୍ତନ ଅଧ୍ୟକ୍ଷ ବି. ଗୋବିନ୍ଦ ରାଓ ଏବଂ କ୍ଷେତ୍ରିୟବରପୁରସ୍ଥିତ ନୋଡାଲ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଲୋପାମୁଦ୍ରା ରଥ ଯଥାକ୍ରମେ ସମ୍ମାନିତ ଅତିଥିଭାବେ ଯୋଗଦେଇ କୃତୀ ପ୍ରତିଯୋଗୀ ମାନଙ୍କୁ ସମ୍ମାନିତ କରିଥିଲେ। ବାଳିକା ବିଭାଗରେ ଆଶା ସ୍ୱାଇଁଙ୍କୁ ସର୍ବ ଶ୍ରେଷ୍ଠ କୃତୀ ପ୍ରତିଯୋଗି ଭାବେ ପୁରସ୍କୃତ କରାଯାଇଥିଲା। ସହ - ଉପସଭାପତି ସୌମେନ୍ଦୁ ପଣ୍ଡା ଧନ୍ୟବାଦ ପ୍ରଦାନ କରିଥିଲେ।

# ନିର୍ମାଣାଧୀନ ଘରୁ କବାଟ ଚୋରି ଅଭିଯୋଗ

**ବ୍ରହ୍ମପୁର,୧୭।୧୨(ସମିସ):** ନିମଖଣ୍ଡି ଥାନା ଅନ୍ତର୍ଗତ ଶ୍ରୀହରି ବିହାରର ଏକନିର୍ମାଣାଧୀନ ଘରୁ କବାଟ ଚୋରି ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ସୂଚନାଯୋଗ୍ୟ ଯେ,ଭାବିନୀପୁର ସ୍ଥିତ ଶ୍ରୀହରି ବିହାର ତୃତୀୟ ଲାଇନ ନିବାସୀ କୃଷ୍ଣଚନ୍ଦ୍ର ମିଶ୍ରଙ୍କ ଉକ୍ତ ଅଞ୍ଚଳରେ ଏକ ନୂଆଁ ଘର କରୁଛନ୍ତି। ଏହି ନିର୍ମାଣାଧୀନ ଘରରୁ ଦୁର୍ବୃତ୍ତମାନେ ୩ଟି କାଠ କବାଟ ଚୋରି କରି ନେଇଛନ୍ତି ବୋଲି ଥାନାରେ ସେ ଅଭିଯୋଗ କରିଛନ୍ତି।

# ପେନ୍‌ସନରର୍ସ ଡେ ପାଳିତ

**ପାରଳାଖେମୁଣ୍ଡି,୧୭।୧୨ (ସମିସ):** ପାରଳାଖେମୁଣ୍ଡି ସହରର ଉତ୍କଳ ହିତୈଷିଣୀ ସମାଜ ସଭା ଗୃହରେ ଅବସର ପ୍ରାପ୍ତ ସରକାରୀ କର୍ମଚାରୀ ସଂଘ ଗଜପତି ଜିଲ୍ଲା ଶାଖା ପକ୍ଷରୁ "ପେନସନରର୍ସ ଡେ' ପୂର୍ଣ୍ଣଚନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଥିଲା। ଏଥିରେ ସଭାପତି ଅଶ୍ୱିନୀ କୁମାର ପାଢ଼ୀ, ଉପସଭାପତି ଆଶାଲତା ପାଣିଗ୍ରାହୀ, ବିଚିତ୍ରାନନ୍ଦ ବେବର୍ତ୍ତା ମଞ୍ଚାସୀନ ଥିଲେ। ବିଭିନ୍ନ ସକରାତ୍ମକ ପନ୍ଥା ଉତ୍ତର ପୀଢିଙ୍କୁ ସଚେତନ କରାଇବା ଦାୟିତ୍ୱ ରହିଥିବା ନେଇ ଆଲୋଚନା ହୋଇଥିଲା । ମନୋବଳ ଓ ଇଚ୍ଛାଶକ୍ତି ଏହି ସମୟରେ ସକ୍ରିୟ ରହିବା ଆବଶ୍ୟକ ବୋଲି ବରିଷ୍ଠ ନାଗରିକ ତଥା ପେନସନରର୍ସ କହିଥିଲେ। ୬୦ରୁ ଅଧିକ ପେନସନରର୍ସ ଏଥିରେ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ।



# କୋମାରେ ଜିଲ୍ଲା ପର୍ଯ୍ୟଟନ ବିଭାଗ

## ପେଟପାଟଣା ପାଇଁ ଯୁବପିଢ଼ି ଅନ୍ୟ ରାଜ୍ୟ ମୁହାଁ






**ଜି.ଉଦୟଗିରି,୧୭।୧୨(ସମିସ)**

ପ୍ରାକୃତିକ ସୌନ୍ଦର୍ଯ୍ୟଭରା କନ୍ଧମାଳ ଜିଲ୍ଲାରେ ମାଳ ମାଳ ପର୍ଯଟନସ୍ଥଳ ରହିଥିବା ବେଳେ ସରକାରଙ୍କ ଆନ୍ତରିକତାର ଅଭାବରୁ ଦୃଷ୍ଟି ଆଢୁଆଳରେ ରହିଯାଉଛି। ପର୍ଯ୍ୟଟନ ସ୍ଥଳର ବିକାଶରେ ହିଁ କନ୍ଧମାଳର ଆର୍ଥିକ ବିକାଶ ଯୋଡି ହୋଇ ରହିଥିବା ବେଳେ ଗୁରୁତ୍ୱ ଦେଉନି ବିଭାଗ। ଫଳରେ ଯୁବପିଢି କାମ ଧନ୍ଦା ନ ପାଇ ଅନ୍ୟ ରାଜ୍ୟରେ ଶ୍ରମିକ ଭାବେ କାମ କରିବାକୁ ବାଧ ହେଉଛନ୍ତି। ପ୍ରତି ସପ୍ତାହରେ କେରଳ ଗାଡି ଯାଉଥିବା ବେଳେ ଯୁବକ ଶୂନ୍ୟ ହେଉଛି କନ୍ଧମାଳ। ଚାଷୀ ଚାଷକାମ ଛାଡି କେରଳ ଯାଉଛନ୍ତି। ପେଟକୁ ଦାନା ଯୋଗାଡ ପାଇଁ ଯୁବତୀ ମଧ୍ୟ କେରଳ ଯିବା ପାଇଁ ବାଧ ହେଉଥିବା ବେଳେ ନାନା ନିର୍ଯାତନାର ଶିକାର ହେଉଛନ୍ତି।

ସାରା ଜିଲ୍ଲାରେ ବହୁ ପର୍ଯ୍ୟଟନସ୍ଥଳ ଖୁନ୍ଦି ହୋଇ ରହିଥିବା ବେଳେ ବିଭାଗ ତାର ବିକାଶ ସହିତ ପ୍ରଚାର ପ୍ରସାର କରିବାରେ ଆନ୍ତରିକତା ଦେଖାଉନାହିଁ। ଜି.ଉଦୟଗିରିର କାଳିଗାଡୁ ହିଲଟପ ଉଦାହରଣକୁ ନିଆଯାଇ ପାରେ। ୫ ବର୍ଷରୁ ଅଧିକ ହେଲା ଲୋକଲୋଚନକୁ ଆସିଥିବା ଏହି ହିଲଟପ ସମାଜିକ ଗଣମାଧମରେ ଘୁରି ବୁଲିବା ପରେ ସେଠାକୁ ଲୋକଙ୍କ ସୁଅ ଛୁଟଛି। ହେଲେ ଆଜିପର୍ଯ୍ୟନ୍ତ ସେହି ପର୍ଯ୍ୟଟନସ୍ଥଳର କିଛି ବିକାଶ ହୋଇପାରିନି। ହିଲଟପର ମନୋରମ ସୌନ୍ଦର୍ଯ୍ୟରେ ପର୍ଯ୍ୟଟକ ବିଭୋର ହୋଇ ବାରମ୍ବାର ଆସିବାକୁ ଇଚ୍ଛା କରୁଥିଲେ ହେଁ ଆବଶ୍ୟକ ସାଧାରଣ ଆନୁଷଙ୍ଗିକ ବ୍ୟବସ୍ଥା ନ ଥିବା କାରଣରୁ ମୁହଁ ମୋଡୁଛନ୍ତି। ସୌନ୍ଦର୍ଯ୍ୟକରଣ, କଟେଜ, ପାନୀୟ ଜଳ, ପାର୍କିଂ ସ୍ଥଳ ନିର୍ମାଣ ଦୂରର କଥା ହିଲଟପରୁ ଭଲ ରାସ୍ତା ବାହାରି ପାରିନି। ଏଥିରୁ ଅନୁମାନ ଜିଲ୍ଲା ପର୍ଯ୍ୟଟନ ବିଭାଗ କେତେ ତତ୍ପର ବୋଲି କୁହାଯାଉଛି। ଜି.ଉଦୟଗିରିରୁ ହିଲଟପକୁ ଯିବା ପାଇଁ ୮/୧୦ କିମି ଭଲ ରାସ୍ତା ନାହିଁ ଯାହା ପର୍ଯ୍ୟଟକଙ୍କ ଯାତାୟତରେ ମୁଖ୍ୟ ପ୍ରତିବନ୍ଧକ ସାଜୁଛି। ସେହିଭଳି ସେହି ରାସ୍ତା ଦେଇ ଯାଉଥିବା ଶିରିକି ଇକୋ ପାର୍କ ହେବା ପରେ ଆଉ କିଛି ବିକାଶ ହୋଇନି। ବୋଟିଂ ପାଇଁ ବ୍ୟବସ୍ଥା ହୋଇଥିଲେ ମଧ୍ୟ ଆଜି ପର୍ଯ୍ୟନ୍ତ ଖୋଲିନି। ପାନୀୟ ଜଳ, ରେଷ୍ଟସେଟ ବ୍ୟବସ୍ଥା ମଧ୍ୟ ହୋଇପାରିନି। କନ୍ଧମାଳ ଜିଲ୍ଲାର ବିକାଶ, ଶ୍ରମିକ ଚାଲାଣ ରୋକିବା ତଥା ଯୁବକଙ୍କୁ ସ୍ୱାବଲମ୍ବୀ କରିବାକୁ ହେଲେ ବିଭିନ୍ନ ପର୍ଯ୍ୟଟନସ୍ଥଳୀର ବିକାଶ ପ୍ରତି ଗୁରୁତ୍ୱ ଦେବାର ଆବଶ୍ୟକତା ରହିଥିବା କୁହାଯାଉଛି।



